بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ **ବଦର** କାଦିଆନ

Weekly BADAR Qadian Odia

ଖଣ୍ଡ 5 | ସଂଖ୍ୟା 18

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

30 ଏପ୍ରିଲ୍ 2020 | 30 ଶାହାଦତ୍ 1399 ହି.ଶ | 06 ରମ୍ଜାନ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا فَاغۡفِرۡ لَنَا ذُنُوۡبَنَا
وَ کَفِّرۡ عَنَّا سَیِّاٰتِنَا
وَتَوَفَّنَا مَعَ الۡاَبۡرَارِ ۝

(آل عمران:194)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା! ତୁମ୍ଭେ ଆମମାନଙ୍କର ପାପକୁ କ୍ଷମା କର ଓ ଆମମାନଙ୍କ ଠାରୁ ଆମର କୁକାର୍ଯ୍ୟଗୁଡ଼ିକୁ ଦୂର କର; ଏବଂ ଆମମାନଙ୍କୁ ପୂଣ୍ୟବାନ ଲୋକମାନଙ୍କ ସଙ୍ଗରେ ଗଣନା କରି ମୃତ୍ୟୁ ଦିଅ ।

*(ଆଲେ ଇମରାନ୍: ୧୯୪)*

## ଅହ୍ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ତୁମେ ଯେଉଁମାନେ ମୋ ସହିତ ସତ୍ ସମ୍ପର୍କ ରଖିଅଛ, ଏହାର ଉଦ୍ଦେଶ୍ୟ ହେଉଛି ଏହା କି ତୁମେମାନେ ନିଜ ଚରିତ୍ରରେ, ଚାଲିଚଳନରେ ଏକ ସ୍ୱତନ୍ତ୍ର ପରିବର୍ତନ କରିନିଅ ଯାହା ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ ଏବଂ ସୌଭାଗ୍ୟର କାରଣ ହେବ ।**

**ମଣିଷ ବହତୁ ଆଶା ଅଭିଳାଷ ରଖିଥାଏ । (କିନ୍ତୁ) ବିଧିର ବିଧାନକୁ କିଏ ଜାଣିଛି । ଇଚ୍ଛା ମୁତାବକ ଜୀବନ କେବେ ଚାଲେ ନାହିଁ । ଇଚ୍ଛା ଓ ଅଭିଳାଷର ଧାର ଅଲଗା ଏବଂ ବିଧି ଓ ବିଧାନର ଧାରା ଅଲଗା ଏବଂ ଏହି ଧାରା ହିଁ ସତ୍‌ଧାରା । ମନେରଖ ଯେ ଖୁଦାଙ୍କ ନିକଟରେ ମଣିଷର ଜୀବନୀ ହେଉଛି ସତ୍ୟ । ତାକୁ କଣ ଜଣା ଯେ ସେଥିରେ କଣ ସବୁ ଲେଖାହୋଇଛି । ସେଥିପାଇଁ ହୃଦୟକୁ ଜଗାଇ ଧ୍ୟାନ ଆକର୍ଷଣ କରାଇବା ଉଚିତ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ନମାଜର ନିର୍ଦ୍ଧାରିତ ସମୟଗୁଡ଼ିକ ହେଉଛି ଆଧ୍ୟାତ୍ମିକ ଅବସ୍ଥାର ଏକ ପ୍ରତିଚ୍ଛାୟା

ଏବଂ ଏହା ମଧ୍ୟ ମନେରଖ ଯେ, ପାଂଚବେଳା ନମାଜ ପାଠ ପାଇଁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଅଛି ଏହା କୌଣସି ଶାସନ ଓ ଜୋର ଜବରଦସ୍ତି ରୂପେ ନୁହେଁ ବରଂ ଯଦି ଚିନ୍ତା କରି ଦେଖିବ, ଏହା ହେଉଛି ବାସ୍ତବରେ ଆଧ୍ୟାତ୍ମିକ ଅବସ୍ଥାର ଏକ ପ୍ରତିଚ୍ଛାୟା । ଯେମିତି ଅଲ୍ଲାଃ ତାଲା କହୁଛନ୍ତି ଯେ **ଅକିମିସ୍ ସଲାତା ଲିଦୁଲୁକିସ୍ ଶମ୍‌ସି** (ବନି ଇସ୍‌ରାଇଲ୍:୭୯) ଅର୍ଥାତ: ସୂର୍ଯ୍ୟାସ୍ତ ପରଠାରୁ ରାତ୍ରିର ଘନ ଅନ୍ଧକାର ପର୍ଯ୍ୟନ୍ତ (ବିଭିନ୍ନ ସମୟରେ) ତୁମେମାନେ ସୁଚାରୁରୂପେ ନମାଜ ପାଠ କର । ଏବେ ଦେଖନ୍ତୁ ଯେ ଅଲ୍ଲାଃ ତାଲା ଏଠାରେ ନମାଜ ପାଠ ନିମନ୍ତେ **ଦୁଲୁକିସ୍ ଶମ୍‌ସି** (ଅର୍ଥାତ ସୂର୍ଯ୍ୟାସ୍ତ ପରଠାରୁ) ର ସମୟ ନିଆଯାଇଅଛି । **ଦୁଲୁକ୍** ର ଅର୍ଥରେ ଯଦିଚ ଭିନ୍ନତା ରହିଛି କିନ୍ତୁ ଦ୍ୱିପ୍ରହର ହୋଇଯିବା ସମୟରେ ନାମ ହେଉଛି ଦୁଲୁକ୍ । ଏବେ ଦୁଲୁକ୍‌ଠାରୁ ନେଇ ପାଂଚବେଳା ନମାଜ ରଖି ଦିଅନ୍ତୁ । ଏଥିରେ କଣ ରହସ୍ୟ ଓ ଭେଦ ରହିଛି ? ପ୍ରକୃତିର ନିୟମ ଏହା ଦେଖାଉଛି ଯେ ଆଧ୍ୟାତ୍ମିକ ବିନୟତା ଓ ବିନମ୍ର ସ୍ୱଭାବର ପଦମର୍ଯ୍ୟାଦା ମଧ୍ୟ **ଦୁଲୁକ୍** ରୁ ହିଁ ଆରମ୍ଭ ହୋଇଥାଏ । ଏହିପରି ପାଂଚଟି ଅବସ୍ଥା ଆସିଥାଏ । ସୁତରାଂ ଏହି ପ୍ରାକୃତିକ ନମାଜ ମଧ୍ୟ ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ ଦୁଃଖ, ବିଷାଦ ଓ ଅବସାଦର ଲକ୍ଷଣ ଦେଖା ଦେବା ଆରମ୍ଭ ହୋଇଥାଏ । ଯେତେବେଳେ ମଣିଷ ଉପରେ କୌଣସି ଦୁଃଖ ଓ ବିପତି ଆସିଥାଏ, ସେତେବେଳେ ସେ କିପରି ବିନମ୍ର ହୋଇଥାଏ । ଏବେ ଏହି କ୍ଷଣି ଯଦି ଭୁମିକମ୍ପ ଆସିଥାଏ ତେବେ ତୁମେ ବୁଝିପାରିବ ଯେ ମନ ଭିତରେ କିପରି ଆଦ୍ରତା / ରୋଦନତା ଏବଂ ବିନମ୍ରତା ସୃଷ୍ଟି ହୋଇଯାଏ । ସେହିପରି ଚିନ୍ତା କରି ଦେଖିନିଅ ଯେ ଉଦାହରଣ ସ୍ୱରୁପ ଯଦି କୌଣସି ବ୍ୟକ୍ତିଙ୍କ ଉପରେ ନାଲିଶ୍ କରାଯାଉଥିବ ଓ ତା ନିକଟକୁ ସମନ ବା ଓ୍ୱାରେଂଟ ଆସିବା ପରେ ସେ ଜାଣିପାରିବ ଯେ ଅମୁକ ଦଫାରେ ଫୌଜଦାରୀ ବା ଦିଓ୍ୱାନି ନାଲିଶ୍ କରାଯାଇଛି । ଏବେ ସେହି ଓ୍ୱାରେଂଟକୁ ପଢ଼ିବା ପରେ ତା'ର ଅବସ୍ଥାରେ ଯେମିତି ଦିନ ଚଢ଼ିବା ପରେ ପତନ ଆରମ୍ଭ ହୋଇଗଲା କାରଣ ଓ୍ୱାରେଂଟ ବା ସମନ ମିଳିବା ପର୍ଯ୍ୟନ୍ତ ତାକୁ କିଛି ଜଣା ନଥିଲା । ଏବେ ଏ ଭାବନା ସୃଷ୍ଟି ହେଲା ଯେ ଅଲ୍ଲାଃଙ୍କୁ ଜଣା ଏଠି ଓ୍ୱକିଲ୍ ଅଛି କି କଣ ହେବ ? ଏହିପରି ଚିନ୍ତିତ ଅବସ୍ଥାରେ ଯେଉଁ ପତନ ସୃଷ୍ଟି ହୋଇଥାଏ । ଏହା ହେଉଛି ସେହି **ଦୁଲୁକ୍** ର ଅବସ୍ଥା ଏବଂ ଏହା ହେଉଛି ପ୍ରାରମ୍ଭିକ ଅବସ୍ଥା, ଯାହା ଜୋହର୍ (ନମାଜ)ର କାଏମ୍ ମୁକାମ (ଅର୍ଥାତ ନିର୍ବାହଣିକ) ହୋଇଥାଏ । ଏହାର ଅନୁରୂପ ପ୍ରତିଚ୍ଛାୟାର ଅବସ୍ଥା ହେଉଛି ଜୋହର୍ ନମାଜ । ଏବେ ତା' ଉପରେ ଦ୍ୱିତୀୟ ଅବସ୍ଥା ସେତେବେଳେ ଆସିଥାଏ । ଯେତେବେଳେ ସେ ଅଦାଲତ୍‌ର କାଠଗଡ଼ା ଭିତରେ ଛିଡ଼ା ହୋଇଥାଏ । ପ୍ରତିପକ୍ଷ ଓ ଅଦାଲତ ତରଫରୁ ପ୍ରଶ୍ନ ଓ ଜେରା କରାଯାଇଥାଏ । ସେତେବେଳେ ଅବସ୍ଥା ଅଜବ ପ୍ରକାରର ହୋଇଥାଏ । ଏହା ହେଉଛି ଏପରି ଅବସ୍ଥା ଓ ସମୟ ଯାହା **ଅସର୍** ନମାଜ୍‌ର ନମୁନା ଅଟେ । କାରଣ ଅସର୍ ଗଳା ଚିପିବା ଓ ଚିପୁଡ଼ିବାକୁ କୁହାଯାଏ । ଯେତେବେଳେ ଅବସ୍ଥା ଆହୁରି ଜଟିଳ ହୋଇଯାଏ ଏବଂ ଆରୋପ ଫଳକ ଲାଗିଥାଏ ସେତେବେଳେ ଆଶା ଓ ନିରାଶ ବଢ଼ିଯାଏ କାରଣ ଏବେ ଏପରି ଅନୁଭବ ହୋଇଥାଏ ଯେମିତି ଦଣ୍ଡ ମିଳିଯିବ । ଏହା ହେଉଛି ଏପରି ସମୟ ଯାହା ମଗ୍‌ରିବ୍ ନମାଜର ପ୍ରତିଚ୍ଛାୟା ହୋଇଥାଏ । ତା'ପରେ ପୁଣି ଯେତେବେଳେ ହୁକୁମ୍ ଶୁଣାଇ ଦିଆଗଲା ଓ କନେଷ୍ଟବଲ ବା କୋର୍ଟ ଇନିସ୍ପେକ୍ଟରଙ୍କ ଦାୟିତ୍ୱରେ ଦେଇ ଦିଆଗଲା, ସେତେବେଳେ ତାହା ଆଧ୍ୟାତ୍ମିକ ରୂପେ ଇଶା ନମାଜର ପ୍ରତିଚ୍ଛାୟା ହୋଇଥାଏ । ଏପରିକି ନମାଜର ପ୍ରତ୍ୟୁଷ ସମୟ ପ୍ରକାଶ ହୋଇଗଲା ଏବଂ **ଇନ୍ନା ମାଆଅଲ୍ ଉସ୍‌ରେ ୟୁସ୍‌ରା** (ଇନ୍‌ଶରାହ୍ : ୭)ର ଅବସ୍ଥାର ସମୟ ଆସିଗଲା ତେଣୁ ଆଧ୍ୟାତ୍ମିକ ଫଜର୍ ନମାଜ୍‌ର ବେଳ ଆସିଗଲା । ତେଣୁ ଫଜର୍ ନମାଜ ହେଉଛି ତାହାର ପ୍ରତିଚ୍ଛାୟା ।

ପରିଶେଷରେ ମୁଁ ପୁଣି ତୁମମାନଙ୍କୁ ସମ୍ବୋଧନ କରି କହୁଅଛି ଯେ, ତୁମେ ଯେଉଁମାନେ ମୋ ସହିତ ସତ୍‌ସମ୍ପର୍କ ରଖିଅଛ, ଏହାର ଉଦ୍ଦେଶ୍ୟ ହେଉଛି ଏହା କି ତୁମେମାନେ ନିଜ ଚରିତ୍ରରେ, ଚାଲିଚଳନରେ ଏକ ସ୍ୱତନ୍ତ୍ର ପରିବର୍ତନ କରିନିଅ ଯାହା ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ ଏବଂ ସୌଭାଗ୍ୟର କାରଣ ହେବ ।

### ପରକାଳ ଉପରେ ଦୃଷ୍ଟି ରଖ

କହିଲେ: ଲୋକମାନଙ୍କ ପାଇଁ ଏହା ଜରୁରୀ ଯେ ପରକାଳ ଉପରେ ଦୃଷ୍ଟି ରଖନ୍ତୁ । ଅଜାବ୍ (ଅର୍ଥାତ: ଐଶିଦଣ୍ଡ) ଆସିବା ପୂର୍ବରୁ ଭୟ କରିବା ଉଚିତ । **ମରଦ୍ ଆଖିର୍‌ବୀ ମୁବାରକ ବନ୍ଦାଇସ୍ତ**

ଦେଖ ଲୁତ୍ ଇତ୍ୟାଦି ଜାତିମାନଙ୍କର ପରିଣାମ କଣ ହେଲା । ପ୍ରତ୍ୟେକଙ୍କ ପାଇଁ ଏହା ଜରୁରୀ ଯେ ହୃଦୟ ଯଦି କଠିନ ଥାଏ ତେବେ ମଧ୍ୟ ତାକୁ ଭର୍ତ୍ସନା କରି ବିନମ୍ରତାର ଶିକ୍ଷା ଦେଉ । ଆମ ଯମାତ୍ ପାଇଁ ଏହା ସବୁଠାରୁ ଅଧିକା ଆବଶ୍ୟକ । କାରଣ ତାଙ୍କୁ ତାଜା ଜ୍ଞାନ ମିଳୁଅଛି । ଯଦି କିଏ ମାରେଫତ୍ (ଅର୍ଥାତ ଜ୍ଞାନ) ହାସଲ କରିବାର ଦାବି ତ କରିଥାଏ କିନ୍ତୁ ତା ଉପରେ ପରିଚାଳିତ ହୁଏ ନାହିଁ, ତେବେ ଏହା ପ୍ରଗଲ୍‌ଭତା ହିଁ ଅଟେ । ତେଣୁ ଆମ ଯମାତ୍ ଅନ୍ୟମାନଙ୍କ ଅସାବଧାନତାରୁ ନିଜେ ଅସାବଧାନ ନ ରହୁ ଏବଂ ସେମାନଙ୍କୁ ଥଣ୍ଡା ପଡ଼ିଯିବାର ଦେଖି ନିଜ ପ୍ରେମକୁ ଶୀତଳ ନ କରିଦେଉ । ମଣିଷ ବହତୁ ଆଶା ଅଭିଳାଷ ରଖିଥାଏ । (କିନ୍ତୁ) ବିଧିର ବିଧାନକୁ କିଏ ଜାଣିଛି । ଇଚ୍ଛା ମୁତାବକ ଜୀବନ କେବେ ଚାଲେ ନାହିଁ । ଇଚ୍ଛା ଓ ଅଭିଳାଷର ଧାରା ଅଲଗା ଏବଂ ବିଧି ଓ ବିଧାନର ଧାରା ଅଲଗା ଏବଂ ଏହି ଧାରା ହିଁ ସତ୍‌ଧାରା । ମନେରଖ ଯେ ଖୁଦାଙ୍କ ନିକଟରେ ମଣିଷର ଜିବନୀ ହେଉଛି ସତ୍ୟ । ତାକୁ କଣ ଜଣା ଯେ ସେଥିରେ କଣ ସବୁ ଲେଖାହୋଇଛି । ସେଥିପାଇଁ ହୃଦୟକୁ ଜଗାଇ ଧ୍ୟାନ ଆକର୍ଷଣ କରାଇବା ଉଚିତ ।

କହିଲେ: ଦୁଃଖର କଥା ହେଉଛି ଏହା କି ସାଧାରଣତଃ ଦୁଃଖ ବିପତି ଆସିବା ଯୋଗୁଁ (ମଧ) ଲୋକମାନଙ୍କ ଗର୍ବ ଓ ଅହଙ୍କାର ଦୁର ହେଲା ନାହିଁ । ମୁଁ ସତ୍ୟ କହୁଅଛି ଯେ ଏହା ସେପର୍ଯ୍ୟନ୍ତ ଦୂର ହେବନାହିଁ ଯେ ପର୍ଯ୍ୟନ୍ତ ଲୋକଙ୍କ ହଟତା ଏବଂ ବଡ଼ପଣିଆ ଦୂର ନ ହୋଇଛି । ମୁଁ ଦେଖୁଅଛି ଯେ ଲୋକମାନେ ଖୁଦାତାଲାଙ୍କ ସହିତ ସମ୍ପୂର୍ଣ୍ଣରୂପେ ସନ୍ଧି କରିବାପାଇଁ ପ୍ରସ୍ତୁତ ନାହାନ୍ତି । ଅକାଳ ପଡ଼ିବା ସମୟରେ ଲୋକମାନେ ଅନୁଭବ କଲେ ନାହିଁ । ପ୍ରାରମ୍ଭରେ ମକ୍କା ଏବଂ ମଦିନାର ଫତଓ୍ୱା ମଧ ଡ଼ରାଇ ଦେଉଥିଲା । ଯେବେ କିଏ ଏକଥା କହୁଥିଲା ଯେ ମକ୍କା ମୁଅଜ୍ଜମାରୁ ଫତଓ୍ୱା ଆସିଛି ବୋଲି ତେବେ ଲୋକମାନେ ଭୟ କରୁଥିଲେ । କିନ୍ତୁ ଏବେ ଏହି ବିପତିକୁ ଦେଖିକରି ମଧ୍ୟ ଲୋକମାନେ ଭୟ କରୁନାହାନ୍ତି । ମୋ ରାୟ ହେଉଛି ଏହା କି ଯେ ପର୍ଯ୍ୟନ୍ତ ଲୋକମାନେ ସମ୍ପୂର୍ଣ୍ଣରୂପେ (ଅଲ୍ଲାଃଙ୍କ ଆଡ଼କୁ) ପ୍ରତ୍ୟାବର୍ତନ ନ କରିଛନ୍ତି (ସେ ପର୍ଯ୍ୟନ୍ତ) ଭାଗ୍ୟ ବଦଳିବ ନାହିଁ । **ଇନ୍ନଲ୍ଲାହା ଲା ୟୁଗୟିରୁ ମା ବିକୌମିନ୍ ହତ୍ତା ୟୁଗୟିରୁ ମା ବିଅନ୍‌ଫୁସିହିମ୍ (ରାଆଦ୍: ୧୨)**

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୨୯ ରୁ ୧୩୧ ପ୍ରକାଶନ୨୦୧୮ କାଦିୟାନ)*

ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......

ଜଣଙ୍କର ସ୍ପେନ, ଓ ଜଣଙ୍କର ବୁର୍କିନାଫାସୋ ଓ ଆଉଜଣଙ୍କର ସମ୍ବନ୍ଧ ବେନିନ୍ ଦେଶ ସହିତ ଥିଲା ।

କଲିମ୍ ଅହ୍ମଦ୍ ସୟଦ୍ (ଜର୍ମାନୀ)
Specialization in Surgery

ମୁହମ୍ମଦ ମୁହ୍‌ସିନ୍ ଭଟ୍ଟି (ଜର୍ମାନୀ)
Specialization in Internal Medicine

ଆମୀର୍ ଉମ୍‌ରାନ୍ (ଜର୍ମାନୀ)
Specialization in General Surgery

ଡ଼ାଃ ମୋତମିଦ୍ ଅହ୍ମଦ୍ (ଜର୍ମାନୀ)
Specialization in Internal Medicine

ଅଲି ୱୁକାହତ୍ (ଜର୍ମାନୀ)
Ph.D in Dentistry

ଅବ୍‌ଦୁଲ୍ ଅଜିମ୍ (ଜର୍ମାନ)
Ph.D in Mechanical Engineering

ଡ଼ାଃ ମୋତମିଦ୍ ଅହ୍ମଦ୍ (ଜର୍ମାନୀ)
Ph.D in Medical

ଇର୍‌ଫାନ୍ ଅହ୍ମଦ୍ ଭଟ୍ଟି (ଜର୍ମାନୀ)
State Examination in Medicine

ୱଲିଦ୍ ଅହ୍ମଦ୍ ଖାନ୍ ମଲକ୍ (ଜର୍ମାନୀ)
M.A in Peace and Conflict Studies

କଫିଏ ଅର୍‌ଶନ୍ (ଜର୍ମାନୀ)
M.Sc in Electrical Engineering, Information Technology & Business Management

କଲିମ୍ ଅହ୍ମଦ୍ ଶେଖ୍ (ଜର୍ମାନୀ)
M.Sc in Chemistry

ସଜିଲ୍ ଅହ୍ମଦ୍ କାହ୍‌ଲୁଁ (ଜର୍ମାନୀ)
M.Sc in Business Analytics

ସମିଉଲ୍ଲାଃ ୱାହିଲା (ଜର୍ମାନୀ)
M.A in International Management

କାସିଦ୍ ଅହ୍ମଦ୍ (ଜର୍ମାନୀ)
M.Sc in Applied Geo Science

ୱସିମ୍ ଅହ୍ମଦ୍ ମିର୍ଜା (ଜର୍ମାନୀ)
MBA

ମୁଦସିର୍ ଶକିଲ୍ (ଜର୍ମାନୀ)
M.Sc in Electrical Engineering & Information Technology

ହସନ୍ ତାରିକ୍ (ଜର୍ମାନୀ)
M.Sc in Management

ମୁବଶିର୍ ଅହ୍ମଦ୍ ମିନ୍‌ହାସ୍ (ଜର୍ମାନୀ)
M.Sc in Polymer Material Science

ସଫିର୍ ଅହ୍ମଦ୍ (ଜର୍ମାନୀ)
M.Sc in Power Engineering

ଦାନିଶ୍ ଇକ୍‌ବାଲ୍ ରାଣା (ଜର୍ମାନୀ)
M.Sc in Agro Bio Technology

ସୁହେଲ୍ ମକ୍‌ସୁଦ୍ (ଜର୍ମାନୀ)
M.Sc in Business Informatics

ମୁନିବ୍ ଆବିଦ୍ (ଜର୍ମାନୀ)
M.Sc in Energy Science & Technology

ତାହେର୍ ମେହମୁଦ୍ (ଜର୍ମାନୀ)
M.Sc in Electrical Engineering

ଅର୍‌ସଲାନ୍ ଅହ୍ମଦ୍ ତାହେର୍ (ଜର୍ମାନୀ)
M.Sc in Construction & Real Estate Management

ନୱିଦ୍ ଖାନ୍ ମଲକ୍ (ଜର୍ମାନୀ)
B.Sc in Software Engineering

ସର୍‌ମଦ୍ ଅହ୍ମଦ୍ ବାଜ୍‌ୱା (ଜର୍ମାନୀ)
B.Sc in International Business Information Systems

କଲିମ୍ ଅହ୍ମଦ୍ (ଜର୍ମାନୀ)
B.A in Business Informatic

ଜିଶାନ୍ ଅଜ୍‌ମଲ୍ (ଜର୍ମାନୀ)
B.A in Public Administration & Police Management

ଫୱାଦୁଦ୍ଦିନ୍ ଅହ୍ମଦ୍ (ଜର୍ମାନୀ)
Bachelor of Engineering in Electrical Engineering

ସଫୱାନ୍ ଖାଲିଦ୍ (ଜର୍ମାନୀ)
Bachelor of Engineering in Urban Planning

ମୁହମ୍ମଦ୍ ହୁବଶ୍ (ଜର୍ମାନୀ)
B.A in Social Works

ଉସାମା ଅହ୍ମଦ୍ (ଜର୍ମାନୀ)
B.Sc in Physics

ନୱିଦ୍ ଅହ୍ମଦ୍ (ଜର୍ମାନୀ)
B.A in Business Administration

ଅହ୍ମଦ୍ କାମ୍‌ରାନ୍ ଲୋନ୍ (ଜର୍ମାନୀ)
B.A in Business Administration

ହମ୍‌ଜାଃ ଅଲୀ ମଲକ୍ (ଜର୍ମାନୀ)
B.A in Film & TV

ନବିଲ୍ ଅହ୍ମଦ୍ (ଜର୍ମାନୀ)
B.Sc in Business Administration

ଆମୀର୍ ଖାନ୍ (ଜର୍ମାନୀ)
A-Level Abitur

ୟୁନୁସ୍ ଲତିଫ୍ ହଇ (ଜର୍ମାନୀ)
A-Level Abitur

ଶାହ୍ ଜାନ୍ ମନ୍‌ସୁର୍ (ପାକିସ୍ତାନ)
Master in Mechanical Engineering

ଜୱାଦ୍ ଜଫର୍ (ବେଲ୍‌ଜିୟମ)
M.Sc in Architecture

ଅମ୍ମାର୍ ଅହ୍ମଦ୍ (ଜର୍ମାନୀ)
M.Sc in Information Technology

ସୟଦ ଅବ୍‌ଦୁସ୍ ସମଦ୍ (ଫିନ୍‌ଲ୍ୟାଣ୍ଡ)
M.Sc in information Technology

ସୋହେବ୍ ଅହ୍ମଦ୍ (ତୁର୍କୀ)
M.Sc in Data Science

ଶହ୍‌ରୟାର୍ ଅହ୍ମଦ୍ ମଲକ୍ (ସୁଇଜରଲ୍ୟାଣ୍ଡ)
M.A in Business Management

ମସ୍‌ରୁର୍ ଅହ୍ମଦ୍ କମର୍ (ଲିଥୁଆନିୟା)
Bachelor of Nursery in General Practice Nursing

ଅଦିଲ୍ ଅହ୍ମଦ୍ (ଜର୍ମାନୀ)
B.Sc (Hrs) in Mechatronics Engineering)

ରଇସ୍ ଅହ୍ମଦ୍ (ଫିନ୍‌ଲ୍ୟାଣ୍ଡ)
Bachelor of Nursing in Social & Health-Care

କାଶିଫ୍ ମହ୍‌ମୁଦ୍ ୱରକ୍ (ସ୍ୱିଡ଼େନ୍)
Bachelor in History of Religion

ଉମର୍ ତନ୍‌ୱିର୍ ବଟ୍ ରମିଜ୍ (ସ୍ପେନ୍)
A-Levels

ହମ୍‌ଜାଃ ହୟାତ୍ (ସ୍ୱିଡ଼େନ୍)
International Baccalaureate Bilingual Diploma

ମିର୍ଜା ଇକାନ୍ (ବୁର୍କିନାଫାସୋ)
Baccalaureate F.A

ଖାକାନ୍ ଅହ୍ମଦ୍ ଆରିଫ୍ (ବେନିନ୍)
Baccalaureate

କ୍ରମଶଃ........

(ବହ୍‌ୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ ୧୯,୨୬ ସେପ୍ଟେମ୍ବର ୨୦୧୯)

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''
*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ବିଶେଷ ବାର୍ତ୍ତା :

ଅଲ୍ଲାଃ ତାଲା ଆମକୁ ଦୁଆ କରିବାର ଏକ ବହୁତ ବଡ଼ ଅସ୍ତ୍ର ପ୍ରଦାନ କରିଛନ୍ତି ଆମକୁ ଏହା ମାଧ୍ୟମରେ ଅଲ୍ଲାଃ ତାଲାଙ୍କ ଶରଣାଗତ ହେବାପାଇଁ ଚେଷ୍ଟା କରିବା ଉଚିତ ।

ମୁଁ ଆଜି ପରାମର୍ଶ କରିବାପରେ ଏ ନିଷ୍ପତି କରିଛି ଯେ, ମୋ କାର୍ଯ୍ୟାଳୟରୁ ହିଁ ଖୁତ୍‌ବା ପରିବର୍ତ୍ତେ ଗୋଟିଏ ବାର୍ତ୍ତା ଦେଇ ଆପଣମାନଙ୍କୁ ସମ୍ବୋଧନ କରିବି ।

ଯମାତ୍‌ର ସଦସ୍ୟମାନଙ୍କୁ ଏହା ଉଚିତ ହେବ ଯେ, ସେମାନେ ବାଯମାତ୍ ନମାଜ୍ ପାଠ କରନ୍ତୁ ଓ ଜୁମା ନମାଜ ମଧ୍ୟ ଘରର ସଦସ୍ୟମାନେ ମିଶି ପାଠ କରନ୍ତୁ ।

ମଲ୍‌ଫୁଜାତ୍‌ରୁ ବା ଯମାତ୍ ପୁସ୍ତକଗୁଡ଼ିକରୁ ବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନ୍ୟ ପୁସ୍ତକଗୁଡ଼ିକରୁ ବା ଅଲ୍‌ଫଜଲ୍ ପତ୍ରିକାରୁ ବା ଅଲ୍‌ହକମ୍‌ରୁ ବା ଅନ୍ୟ କୌଣସି ପତ୍ରିକାରୁ କୌଣସି ବି ଇକ୍‌ତେବାସ୍ (ଉଦ୍ଧୃତ ଆଲେଖ୍ୟ) ପଢ଼ି ଖୁତ୍‌ବା ଦିଆଯାଇପାରେ ଏବଂ ଘରର ସଦସ୍ୟମାନଙ୍କ ମଧ୍ୟରୁ କୌଣସି ଜଣେ ସାବାଳକ ବା ପ୍ରାପ୍ତ ବୟସ୍କ ପୁରୁଷ ଜୁମା ନମାଜ ପଢ଼ାଇ ପାରିବେ ସେହିପରି ଅନ୍ୟ ନମାଜଗୁଡ଼ିକ ମଧ୍ୟ ପଢ଼ାଇପାରିବେ ।

ଯେତେବେଳେ ଲୋକମାନେ ଘରେ ଜୁମା ପଢ଼ାଇବାପାଇଁ ପ୍ରସ୍ତୁତି ଚଳାଇବେ ସେତେବେଳେ ସେମାନେ ଅଧ୍ୟୟନ କରିବେ ଏହା ଦ୍ୱାରା ଜ୍ଞାନ ମଧ୍ୟ ବଢ଼ିବ ଓ ଏହିପରି ସରକାରଙ୍କ ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଘରେ ବସିକରି ମଧ୍ୟ ଧାର୍ମିକ ଆଧାତ୍ମିକ ଲାଭ ହାସଲ କରିପାରିବେ ଓ ଜ୍ଞାନ ମଧ୍ୟ ବଢ଼ିବ ।

ଆମକୁ ଏହି ଦିନଗୁଡ଼ିକରେ ନିଜ ପାରିବାରିକ ଜୀବନକୁ ଓ ନିଜର ଅବସ୍ଥାକୁ ସୁଧାର କରିବା ସହିତ ନିଜ ପିଲାମାନଙ୍କୁ ପ୍ରଶିକ୍ଷଣ କରି ଦିନ ବିତାଇବା ପାଇଁ ଚେଷ୍ଟା କରିବା ଉଚିତ ।

ଏମ୍.ଟି.ଏ ରେ ବହୁତ ଭଲ ଭଲ ପ୍ରୋଗ୍ରାମ ପ୍ରସାରଣ ହେଉଅଛି କିଛି ସମୟ ସେହି ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଏକାଠି ବସି ଦେଖିବାପାଇଁ ଚେଷ୍ଟା କରନ୍ତୁ ।

ସରକାର ନାଗରିକମାନଙ୍କର ହିତ ପାଇଁ, ଆପଣମାନଙ୍କର ସ୍ୱାସ୍ଥ୍ୟକୁ କାଏମ୍ ରଖିବାପାଇଁ ଯେଉଁ ନିର୍ଦ୍ଦେଶାବଳୀ ଦେଇଛନ୍ତି, ଯେଉଁ କାନୁନ ତିଆରି କରିଛନ୍ତି ତାହାକୁ ସମ୍ପୂର୍ଣ୍ଣରୂପେ ପାଳନ କରନ୍ତୁ ।

ସବୁଠାରୁ ବଳି ଦୁଆ କରିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଦୁଆ ଦ୍ୱାରା ଅଲ୍ଲାଃ ତାଲାଙ୍କ କୃପାକୁ ଆମେ ଲଭିପାରିବା ଓ ନିଜର ଆଧାତ୍ମିକ ଓ ଶାରିରିକ ଅବସ୍ଥାକୁ ସୁସ୍ଥ କରିପାରିବା ।

ନିଜ ଘରେ ରହି ବାଯମାତ ନମାଜର ଅଭ୍ୟାସ କରନ୍ତୁ ଯେଉଁଠି ପିଲାମାନେ ଏକଥା ଜାଣିପାରିବେ ଯେ, ନମାଜ ପଢ଼ିବା ଯେମିତି ଜରୁରୀ ବାଯମାତ୍ ନମାଜ ପଢ଼ିବା ମଧ୍ୟ ଜରୁରୀ ଏବଂ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଆମେ ମସ୍‌ଜିଦ୍ ଯାଇପାରୁନାହୁଁ କିନ୍ତୁ ସେହି ଫର୍ଜକୁ ଆମେ ନିଜ ଘରେ ନିର୍ବାହ କରୁଅଛୁ ଓ ଏହାକୁ ପୂରଣ କରିବା ମଧ୍ୟ ଜରୁରୀ ଅଟେ ଏଥିପ୍ରତି ବିଶେଷରୂପେ ଧ୍ୟାନ ଦିଅନ୍ତୁ ।

ଅଲ୍ଲାଃ ତାଲା ଏହି ମହାମାରୀରୁ ପୃଥିବୀକୁ ଯଥା ଶିଘ୍ର ପବିତ୍ର କରନ୍ତୁ ଓ ସାରା ପୃଥିବୀକୁ ମାନବଜାତିର ଆବଶ୍ୟକତାକୁ ପୂରଣ କରନ୍ତୁ ଏବଂ ସମସ୍ତେ ଖୁଦାତାଲାଙ୍କୁ ଚିହ୍ନନ୍ତୁ ।

ବିଶେଷ ବାର୍ତ୍ତା : ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
(ପ୍ରଦତ୍ତ: ୨୭ ମାର୍ଚ୍ଚ ୨୦୨୦ ଅନୁଯାୟୀ ୨୭ ଅମାନ୍ ୧୩୯୯ ହିଜ୍‌ରି ଶମ୍‌ସି ସ୍ଥାନ ଇସଲାମାବାଦ ଟିଲ୍‌ଫୋର୍ଡ଼ (ସୁରେ, ୟୁ,କେ)

**ବିଶେଷ ବାର୍ତ୍ତାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

ଆଜିକାଲି ଭୂତାଣୁ ଜନିତ ଯେଉଁ ମହାମାରୀ ବ୍ୟାପିଅଛି, ତା ସକାଶେ ସରକାର କଟକଣା ଲଗାଇଛନ୍ତି । ପୃଥିବୀର ଅନେକ ଦେଶ ଏବଂ ଏଠିକାର ବ୍ରିଟେନ୍ ସରକାର ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି । ମସ୍‌ଜିଦ୍‌ରେ ବାଯମାତ୍ ଅର୍ଥାତ ସାମୁହିକ ନମାଜ ପଢ଼ିବାକୁ ବାରଣ କରାଯାଇଅଛି । ଯଦି ନମାଜ ପଢ଼ାଯାଇପାରେ ତେବେ କେବଳ ଏ ପରିପ୍ରେକ୍ଷିରେ ହୋଇପାରିବ କି ଦୁଇଜଣ କିମ୍ବା ହାତଗଣତି କେତେଜଣ ବ୍ୟତିତ ଅନ୍ୟ କାହାରିକୁ ଅନୁମତି ନାହିଁ । ସେମାନେ ନିକଟ ସମ୍ପର୍କୀୟ ହୋଇଥିବେ, ବର୍ତ୍ତମାନ ଆଇନ ମଧ୍ୟ ସ୍ପଷ୍ଟ ହୋଇପାରୁନାହିଁ । କିଏ କହୁଛି କି କେବଳ ନିକଟ ସମ୍ପର୍କୀୟ ହୋଇଥିବେ, ଯେମିତି ମୁଁ କହିସାରିଛି, ଆଉ କିଏ କହୁଛି କି ଯଦି ବନ୍ଧୁ ବା ସାଙ୍ଗସାଥି ହୋଇଥିବେ ତେବେ ସେ ମଧ୍ୟ ସାମିଲ ହୋଇପାରିବେ । ସେ ଯାହା ହେଉ ନା କାହିଁକି ଏଭଳି ପରିସ୍ଥିତିରେ ଯୁମା ନମାଜ ପାଠ କରାଯାଇପାରିବ ନାହିଁ ଯେ ପର୍ଯ୍ୟନ୍ତ ନିୟମିତ ରୂପେ ଏହା ସ୍ପଷ୍ଟ ନ ହୋଇଯାଇଛି କାରଣ ଯୁମା ନମାଜ ପାଠ କରିବା ପାଇଁ କେତେକ କଥା ଆଲୋଚ୍ୟ ସାପେକ୍ଷ । ସେଥିଯୋଗୁଁ ମୁଁ ଆଜି ପରାମର୍ଶ କରିବା ପରେ ଏହା ନିଷ୍ପତି କରିଛି ଯେ ମୁଁ ମୋ କାର୍ଯ୍ୟାଳୟରୁ ହିଁ ଖୁତ୍‌ବା ଯୁମା ପରିବର୍ତ୍ତେ ଏକ ବାର୍ତ୍ତା ମାଧ୍ୟମରେ ଆପଣମାନଙ୍କ ସହିତ କଥା ହେବି ଓ ସମ୍ବୋଧନ କରିବି । ଯୁମା ନମାଜ ନ ପଢ଼ାଯାଉ ।

ଯୁମା ଦିନ ଏମ୍.ଟି.ଏ ରେ ଖୁତ୍‌ବା ଶୁଣିବା । ଖଲିଫାଏ ଓ୍ୱକ୍ତ୍ (ଯୁଗ ଖଲିଫା)ଙ୍କ ଖୁତ୍‌ବା ଶୁଣିବା ଏବେ ଲୋକମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି । ଆଜି ଯଦି ମୁଁ ଲୋକମାନଙ୍କୁ ସମ୍ବୋଧନ ନ କରେ ତେବେ ଲୋକମାନେ ସମ୍ଭବତଃ ନିରାଶ ହୋଇଯିବେ । ଏତଦ୍ ବ୍ୟତିତ ବିଭିନ୍ନ ପ୍ରକାରର ଅନୁମାନ ଓ ଅଟକଳ ବାଜି ମଧ୍ୟ ଆରମ୍ଭ ହୋଇଯିବ । ତେଣୁ ମୁଁ ଏହା ଶ୍ରେୟସ୍କର ମଣିଲି ଯେ କୌଣସି ନା କୌଣସି ଉପାୟରେ ଯମାତ୍‌ର ଲୋକମାନଙ୍କୁ ସମ୍ବୋଧନ କରିବି । ତେଣୁ ସେଥିପାଇଁ ଏହି ପନ୍ଥାକୁ ଅବଲମ୍ବନ କରାଗଲା ଯେ ମୁଁ କାର୍ଯ୍ୟାଳୟରୁ ଏକ ବାର୍ତା ଦ୍ୱାରା ଆପଣମାନଙ୍କୁ ସମ୍ବୋଧନ କରିନିଏ ।

ସେ ଯାହା ହେଉ ନା କାହିଁକି ମୁଁ ଯେମିତି କହି ସାରିଛି ଯେ ଆଜିର ଯୁମା ଆମେ ପଢ଼ିବା ନାହିଁ ଓ ଆସନ୍ତାକୁ ଇନ୍‌ଶାଅଲ୍ଲାଃ କି ପ୍ରକାରର ମାର୍ଗ ଅବଲମ୍ବନ କରାଯିବ, ସେ ସମ୍ବନ୍ଧରେ ଇନ୍‌ଶାଅଲ୍ଲାଃ ଅବଗତ କରାଇ ଦିଆଯିବ କାରଣ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମେ ଯୁମା ନମାଜ ମଧ୍ୟ ଛାଡ଼ି ପାରିବା ନାହିଁ । ଯେମିତି କି ମୁଁ କହିସାରିଛି ଯେ, ଯମାତ୍ ସହିତ ମୋର ଯୋଗାଯୋଗ ମଧ୍ୟ ଜରୁରୀ ଅଟେ । ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ଏଥିରେ ଆହୁରି ମଧ୍ୟ ଜରୁରୀ ହୋଇପଡ଼ିଛି । ତେଣୁ **ଓ୍ୱକଲାଅ** ଓ ସମ୍ବନ୍ଧିତ ଲୋକମାନଙ୍କ ସହିତ ପରାମର୍ଶ କରିବାପରେ ଇନ୍‌ଶାଅଲ୍ଲା । ଆମେ ଏହାର ସମାଧାନ ବାହାର କରିଦେବା ।

ଯମାତ୍‌ର ସଦସ୍ୟମାନଙ୍କୁ ମୁଁ ମଧ୍ୟ ଏହା କହି ରଖୁଛି ଯେ ସରକାର ଏହି ରୋଗ ଯୋଗୁଁ ଯେଉଁସବୁ କଟକଣା ଲଗାଇଛନ୍ତି, ଉଦାହାରଣ ସ୍ୱରୁପ ୟୁ.କେ ରେ ବ୍ୟକ୍ତିଗତ ରୂପେ ମସ୍‌ଜିଦ୍‌ରେ ଆସି ନାମଜ ପଢ଼ିପାରିବେ ବା ନିଜ ପରିବାରର କିଛି ସଦସ୍ୟ ଆସି ମଧ୍ୟ ନମାଜ ପାଠ କରିପାରିବେ । କିନ୍ତୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାନୁଯାୟୀ ନମାଜ ପାଠ କରିବା ସମୟରେ ନିଜ ନିଜ ମଧ୍ୟରେ ବ୍ୟବଧାନ ଓ ଦୂରତାକୁ ବଜାୟ ରଖିବେ । କିନ୍ତୁ ଏହା ସତ୍ୱେ ମଧ୍ୟ ବାଯମାତ୍ ନାମଜ ଏପରି ପାଠ କରାଯାଇପାରିବ ନାହିଁ ଯେ ସମସ୍ତେ ଏକାଠି ଆସିଯାଆନ୍ତୁ । ସୁତରାଂ ଏପରି ପରିସ୍ଥିତିରେ ଯମାତ୍‌ର ଲୋକମାନେ ନିଜ ନିଜ ଘରେ ବାଯମାତ୍ (ସାମୁହିକ) ନମାଜ ପଢ଼ିବା ଉଚିତ । ଯୁମା ନମାଜ ମଧ୍ୟ ଘରର ସଦସ୍ୟମାନେ ଏକାଠି ମିଶି ପାଠ କରନ୍ତୁ । ମଲ୍‌ଫୁଜାତ୍‌ରୁ ବା ଯମାତ୍‌ର ପୁସ୍ତକଗୁଡ଼ିକ ମଧ୍ୟରୁ କିମ୍ବା ଅଲ୍‌ଫଜଲ୍‌ରୁ କିମ୍ବା ଅଲ୍‌ହକମ୍‌ରୁ ବା ଅନ୍ୟକୌଣସି ପତ୍ରିକାରୁ କୌଣସି ଏକ ଇକ୍‌ତେବାସ୍ (ଉଦ୍ଧରଣ) ଆଣି ଖୁତ୍‌ବାରେ ପଢ଼ାଯାଇପାରେ । ଘରର ସଦସ୍ୟମାନଙ୍କ ମଧ୍ୟରୁ କୌଣସି ଜଣେ ସାବାଳକ କିମ୍ବା ପ୍ରାପ୍ତବୟସ୍କ ବ୍ୟକ୍ତି ଯୁମା ନମାଜ ପଢ଼ାଇପାରିବ । ସେ ଯାହା ହେଉ ନା କାହିଁକି ଯୁମା ନମାଜ ଅଧିକ ଦିନ ପର୍ଯ୍ୟନ୍ତ ବର୍ଜନ କରାଯାଇ ନପାରେ ।

ଯେବେ ଲୋକମାନେ ଘରେ ଯୁମା ନମାଜ ପଢ଼ାଇବେ ଓ ସେଥିଯୋଗୁଁ ପ୍ରସ୍ତୁତି କରିବେ, ଫଳତଃ ଖୁତ୍‌ବା ପାଇଁ ଅଧ୍ୟୟନ କରିବେ । ଏହାଦ୍ୱାରା ସେମାନଙ୍କର ଜ୍ଞାନରେ ଅଭିବୃଦ୍ଧି ହେବ । ଏହିପରି ସରକାରଙ୍କ କଟକଣା ଯୋଗୁଁ ଘରେ ରହିବା ମଧ୍ୟ ଧାର୍ମିକ ଓ ଆଧ୍ୟାତ୍ମିକ ଲାଭର କାରଣ ସାବ୍ୟସ୍ତ ହେବ ଓ ଜ୍ଞାନାତ୍ମକ ଲାଭର କାରଣ ହେବ । ଏବେ ଅଲ୍‌ହକମ୍ (ପତ୍ରିକା)ରେ ଆଜିକାଲି ଲୋକମାନଙ୍କର ଯେଉଁ ମତାମତ ଦେବାର ଧାରା ଆରମ୍ଭ ହୋଇଛି ଅର୍ଥାତ ଆମେ ଏହି କଟକଣା ଯୋଗୁଁ ଘରେ ବସି କିପରି ସମୟ ବିତାଉଛନ୍ତି । ଏ ସନ୍ଦର୍ଭରେ ଅଧିକାଂଶ ଲୋକ ଏହା ଲେଖୁଛନ୍ତି ଯେ ଯମାତ୍ ଦ୍ୱାରା ପ୍ରକାଶିତ ପବିତ୍ର କୁର୍‌ଆନ୍, ହଦିସ୍, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଏବଂ ଯମାତି ଲିଟ୍‌ରେଚର ଗୁଡ଼ିକ ପାଠ କରି ଆମେ ଆମର ଜ୍ଞାନର ପରିସୀମାକୁ ବୃଦ୍ଧି କରୁଅଛୁ । ସେହିପରି ଆଜିକାଲି ଏହି ସାଂସାରିକ ଲୋକମାନେ ବିଭିନ୍ନ ସାଂସାରିକ ସାଇଟ୍‌ସ୍‌ରେ ବହୁତ ଆଲୋଚନା ଓ ସମାଲୋଚନା କରୁଅଛନ୍ତି ଯେ ଏହି (ସଙ୍ଗରୋଧ ଜୀବନ) ଆମକୁ ଆମ ପାରିବାରିକ ଜୀବନକୁ ଉତମ ରୁପେ ଗଢ଼ି ତୋଳିବା ପାଇଁ ସୌଭାଗ୍ୟ ମିଳୁଅଛି ଓ ଆମ ପାରିବାରିକ ଜୀବନ ପୂନର୍ବାର ଲେଉଟି ଆସିଛି । ସୁତରାଂ ଆମେ ମଧ୍ୟ ଆମ ପାରିବାରିକ ଜୀବନକୁ ସୁଧାରିବା ସହିତ ନିଜ ସନ୍ତାନମାନଙ୍କୁ ସୁପ୍ରଶିକ୍ଷଣ ଦେବା ପ୍ରତି ଧ୍ୟାନ ଦେବାପାଇଁ ଚେଷ୍ଟା କରିବା ଉଚିତ । ଏମ୍.ଟି.ଏରେ ବହୁତ ଭଲ ଭଲ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି, ତେଣୁ କିଛି ସମୟ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ଘରେ ଏକାଠି ମିଳିମିଶି ଦେଖିବା ପାଇଁ ଚେଷ୍ଟା କରନ୍ତୁ ।

ଏତଦ୍ ବ୍ୟତିତ ସରକାର ଲୋକମାନଙ୍କ ହିତକୁ ଦୃଷ୍ଟିରେ ରଖି ଓ ଯେମିତି କି ପୂର୍ବରୁ କହିସାରିଛି ଯେ ଆପଣମାନଙ୍କ ସ୍ୱାସ୍ଥ୍ୟକୁ କାଏମ୍ ରଖିବାପାଇଁ ସରକାର ଯେଉଁ ନିର୍ଦ୍ଦେଶାବଳୀ ପ୍ରଦାନ କରିଛି, ଯେଉଁ ନିୟମ କାନୁନ ପ୍ରଣୟନ କରିଛନ୍ତି, ତାହାକୁ ସମ୍ପୂର୍ଣ୍ଣରୂପେ ପାଳନ କରନ୍ତୁ । ଏହାଠାରୁ ବି ଅଧିକ ଯେମିତି ମୁଁ ଗତ ଖୁତ୍‌ବାରେ କହିସାରିଛି ଯେ ଦୁଆ କରିବା ପ୍ରତି ବହୁତ ଧ୍ୟାନ ଦିଅନ୍ତୁ । ଏହି ଦୁଆ ଜରିଆରେ ହିଁ ଆମେମାନେ ଅଲ୍ଲାଃ ତାଲାଙ୍କ କୃପା ଟାଣି ଆଣିପାରିବା ଏବଂ ନିଜର ଆଧ୍ୟାତ୍ମିକ ତଥା ଶାରିରୀକ ଅବସ୍ଥାକୁ ସୁସ୍ଥ କରିପାରିବା । ଏହି ପନ୍ଥାକୁ ଅବଲମ୍ବନ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ଉପଦେଶ ଦେଇଛନ୍ତି ଏବଂ ଏହିପରି ପରିସ୍ଥିତିରେ ମଧ୍ୟ ଏହି ଉପଦେଶ ପ୍ରଦାନ କରିଛନ୍ତି ଯେ ଆମମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକ ଏହା କି ଖୁଦାତାଲାଙ୍କ ନିକଟରେ ନିଜ ପାପ ପ୍ରାୟଶ୍ଚିତ କରି କ୍ଷମା ପ୍ରାର୍ଥନା କରିବା ଉଚିତ । ତେଣୁ ନିଜର ହୃଦୟକୁ ନିର୍ମଳ କରନ୍ତୁ ଓ ପୁଣ୍ୟକର୍ମରେ ନିମଜ୍ଜିତ ହୁଅନ୍ତୁ । ଅଲ୍ଲାଃ ତାଲା ଆମକୁ ଦୁଆ (ଅର୍ଥାତ ପ୍ରାର୍ଥନା କରିବା)ର ଏକ ବହୁତ ବଡ଼ ଅସ୍ତ୍ର ପ୍ରଦାନ କରିଛନ୍ତି, ଯାହା ଜରିଆରେ ଆମେ ଅଲ୍ଲାଃଙ୍କ ଶରଣ ପଶିବା ପାଇଁ ଚେଷ୍ଟା କରିବା ଉଚିତ । ତେଣୁ ଏଥିପ୍ରତି ବହୁତ ଧ୍ୟାନ ଦିଅନ୍ତୁ ।

ଯେଉଁଠି ଯୁମା ନମାଜ ପାଠ କରିବାର ପ୍ରଶ୍ନ ଉଠୁଛି, ସେଶରେ କେତେକ ପରିସ୍ଥିତିରେ ବାଯମାତ୍ ନମାଜ ଓ ଯୁମା ନମାଜକୁ ପଢ଼ା ନ ଯିବାର କଥା କେତେକ ହଦିସ୍‌ରୁ ସ୍ପଷ୍ଟିକରଣ ମିଳୁଛି । ଉଦାହରଣ ସ୍ୱରୂପ ବୁଖାରୀରେ ଗୋଟିଏ ହଦିସ୍ ଅଛି କି ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅ ବର୍ଷାଦିନେ ନିଜର ମୁଅଜ୍ଜିନ (ଅଜାନ ଦେଉଥିବା ବ୍ୟକ୍ତି) ଙ୍କୁ କହିଲେ ତୁମେ **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ ଓ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କୁହ ତା ପରେ ପୁଣି **ହଦିୟା ଅଲସ୍ ସଲାତ୍** କହିବ ନାହିଁ ବରଂ ତା ପରିବର୍ତେ **ସଲ୍ଲୁ ଫି ବୁୟୁତିକୁମ୍** କୁହ । ଅର୍ଥାତ ନିଜ ନିଜ ଘରେ ନମାଜ ପାଠକର । ସୁତରାଂ ଲୋକମାନଙ୍କୁ ଏକଥା ନୁଆ ଲାଗିଲା ଓ ଏଥିରେ ସେମାନେ ଆଶ୍ଚର୍ଯ୍ୟ ମଧ୍ୟ ହେଲେ । ଏଥିରେ ହଜ୍‌ରତ୍ ଅବ୍‌ବାସ ର:ଅ କହିଲେ ଯେ ଏମିତି କାର୍ଯ୍ୟ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କରିଥିଲେ । ଯିଏ ମୋ ଠାରୁ ଉତମ ବ୍ୟକ୍ତି ଥିଲେ । ଯଦି ଓ ଯୁମା ନମାଜ ପାଠ କରିବା ଜରୁରୀ କିନ୍ତୁ ମୁଁ ଏବେ ଏହାକୁ ପାଠ କରିବାକୁ ଅପସନ୍ଦ କରୁଛି ଯେ ମୁଁ ତୁମାମାନଙ୍କୁ କାଷ୍ଟ ଦେବି ଯେ ତୁମେମାନେ ଏହି ବର୍ଷାରେ କାଦୁଅ ଓ ଖସଡ଼ା ରାସ୍ତାରେ ଚାଲ ବୋଲି ।

*(ସହି ବୁଖାରୀ କିତାବୁଲ୍ ଯୁମା......... ହଦିସ୍ ୯୦୧)*

ମୁସ୍‌ଲିମ୍ ରେ ମଧ୍ୟ ଏହି ରିଓ୍ୱାୟତ୍‌ଟି କେତେକ ଶବ୍ଦର ପରିବର୍ତନ କରାଯାଇ ବର୍ଣ୍ଣିତ ଅଛି । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ ବର୍ଷ ହେଉଥିବା ଦିନ ନିଜ ମୁଅଜ୍ଜିନଙ୍କୁ କହିଲେ ଯେ ତୁମେ **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ ଓ ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କୁହ ତା'ପରେ **ହୟିୟା ଅଲସ୍ ସଲାତ୍** କହିବ ନାହିଁ ବରଂ ତା ପରିବର୍ତେ **ସଲ୍ଲୁ ଫି ବୁୟୁତିକୁମ୍** କୁହ ଅର୍ଥାତ ନିଜ ଘରେ ନମାଜ ପାଠ କର ବୋଲି କୁହ । ରାଓ୍ୱି କହୁଛନ୍ତି ଯେ ଲୋକମାନଙ୍କୁ ଏକଥା ନୁଆ ଲାଗିଲା । ଏଥିରେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅ କହିଲେ ଯେ କଣ ତୁମେମାନେ ଏଥିରେ ଆଶ୍ଚର୍ଯ୍ୟ ହେଉଅଛ ? ଏ କାମ ତ' ମୋଠାରୁ ଉତମ ବ୍ୟକ୍ତି କରିସାରିଛନ୍ତି । ଯଦିଚ ଯୁମା ନମାଜ ପାଠ କରିବା ଜରୁରୀ ଅଟେ କିନ୍ତୁ ମୁଁ ଏପରି ପରିସ୍ଥିତିରେ ତୁମମାନଙ୍କୁ ଘରୁ ବାହାର କରି କାଦୁଅ ଓ ଖସଡ଼ା ରାସ୍ତାରେ ଚାଲିବାକୁ ପସନ୍ଦ କରିବି ନାହିଁ ।

*(ସହି ମୁସ୍‌ଲିମ୍ କିତାବୁସ୍ ସଲାତ୍......... ହଦିସ୍ ୬୯୯)*

ଅଲ୍ଲାମା ଇମାମ ନୁଓ୍ୱି ରହେମୁଲ୍ଲାହ ଏହି ହଦିସ୍‌ର ଶରହ୍ (ବ୍ୟାଖ୍ୟା)ରେ ଲେଖୁଛନ୍ତି ଯେ ଏହି ହଦିସ୍‌ରେ ବର୍ଷା ଇତ୍ୟାଦି ମଜ୍‌ବୁରି (ଅର୍ଥାତ ଅସୁବିଧା) ସମୟରେ ଯୁମା ନମାଜ ନ ପଢ଼ିବାର ପ୍ରମାଣ ମିଳୁଛି, ଏବଂ ଏହି ମତ ସହିତ ମୁଁ ସହମତ । ସେ ଲେଖୁଛନ୍ତି ଯେ ଏହି ପନ୍ଥା ଓ ଶୈଳୀ ଆମର ରହିଛି ଓ ଅନ୍ୟ ଫୋକ୍‌ହା (ଧର୍ମ ବିଚାରକଙ୍କର) ମଧ୍ୟ ଏହି ମତ ରହିଛି । କିନ୍ତୁ ଇମାମ୍ ମାଲିକ୍ ଏହାର ବିପରୀତାର୍ଥ ମତ ପ୍ରକାଶ କରିଛନ୍ତି । **ଓ୍ୱଲ୍ଲାହୁ ଆଲମୁ ବିସ୍‌ସଓ୍ୱାବ୍**

*(ଅଲ୍‌ମିନ୍‌ହାଜ୍ ଶରହ୍ ହସି ମୁସ୍‌ଲିମ୍ ଖଣ୍ଡ-୫, ପୃ-୨୦୮ କିତାବୁସ୍ ସଲାତ୍........ ହଦିସ୍ ୬୯୯, ମୁଦ୍ରିତ ଅଲ୍ ମିସ୍‌ରିୟାଃ ବିଲ୍ ଅଜ୍‌ହର୍ ୧୩୪୭ ହିଜ୍‌ରି)*

ଏହିପରି ଫୋକ୍‌ହା (ଅର୍ଥାତ ଧର୍ମଶାସ୍ତ୍ରୀମାନେ) ଯୁମା ନମାଜ ଓ ବାଯମାତ୍ ନମାଜକୁ କିଛି ପରିସ୍ଥିତିରେ ପରିତ୍ୟାଗ କରିବାପାଇଁ ମତ ଦେଇଛନ୍ତି ଉଦାହରଣ ସ୍ୱରୂପ ଏପରି ରୋଗକୁ ସାମିଲ କରାଯାଇଛି, ଯେଉଁଥିରେ ପିଡ଼ିତ ବ୍ୟକ୍ତି ମସ୍‌ଜିଦ୍‌କୁ ଗଲେ ଅସୁବିଧା ସୃଷ୍ଟି ହୋଇଥାଏ । ଏହାର ପ୍ରମାଣ ସ୍ୱରୂପ ଅଲ୍ଲାଃ ତାଲାଙ୍କର ଏହି ବାଣୀକୁ ସେମାନେ ପେଶ୍ କରିଛନ୍ତି ଅର୍ଥାତ: ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ଧର୍ମ ଭିତରେ କୌଣସି ପ୍ରକାରର ସଂକୀର୍ଣ୍ଣତା ରଖିନାହାନ୍ତି । ତେଣୁ ଯେତେବେଳେ ହଜୁର ସ:ଆ:ସ ବେମାର ଥିଲେ, ସେତେବେଳେ ହଜୁର ସ:ଆ:ସ ମସ୍‌ଜିଦ୍ ଯାଉନଥିଲେ ଏବଂ ଏ ନିର୍ଦ୍ଦେଶ ଦେଉଥିଲେ କି ଅବୁ ବକରଙ୍କୁ କହିଦିଅ ସେ ଲୋକମାନଙ୍କର ଇମାମତି କରନ୍ତୁ । ଏକଥା ସହି ବୁଖାରୀ ଓ ସେହି ମୁସ୍‌ଲିମ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି ।

*(ସହି ବୁଖାରୀ......... ହଦିସ୍ ୬୮୦-୬୮୧) (ସହି ମୁସ୍‌ଲିମ୍...... ହଦିସ୍-୪୧୯)*

ସେହିପରି କୌଣସି ରୋଗର ପାର୍ଦୁଭାବ ଯୋଗୁଁ ଆତଙ୍କିତ ହୋଇଥିବା ବ୍ୟକ୍ତି ମଧ୍ୟ କ୍ଷମାଯୋଗ୍ୟ ବିବେଚିତ ହେବେ । ଏହାର ଦଲିଲ୍ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କ ସେହି ରିଓ୍ୱାୟତ; ଯେଉଥିରେ ହଜୁର ସ:ଆ:ସ କ୍ଷମା ଯୋଗ୍ୟର ବ୍ୟାଖ୍ୟା ଭୟ ଓ ବେମାରି ସହିତ କରିଛନ୍ତି । ଏହା ସୁନନେ ଅବି ଦାଉଦରେ ଦରଜ ଅଛି ।

*(ସୁନନେ ଅବି ଦାଉଦ୍ କିତାବୁସ୍ ସଲାତ୍....... ହଦିସ୍ ୫୫୧)*

ସେ ଯାହା ହେଉନା କାହିଁକି ଏହି ରୋଗ ହେଉଛି ଏକ ସଂକ୍ରାମକ ରୋଗ, ଏହାର ବ୍ୟାପିବାର ବିପଦ ରହିଛି । ଏଥିପାଇଁ ସରକାର କେତେକ ନିୟମ କାନୁନ ପ୍ରଣୟନ କରିଛନ୍ତି । ତେଣୁ ଦେଶର ଆଇନ କାନୁନ ଅନୁସାରେ ଚାଲିବା ମଧ୍ୟ ଜରୁରୀ ଅଟେ । ଏହି ଭଳି ପରିସ୍ଥିତିରେ ଏକତ୍ରିତ ହେବା, ଗୋଟିଏ ସ୍ଥାନରେ ଜମା ହେବା ଓ ସାମୁହିକ ନମାଜପାଠ କରିବା ବା ଯୁମା ନମାଜ ପାଠ କରିବା ଅତ୍ୟନ୍ତ କଷ୍ଟକର । ତେଣୁ ମୁଁ ଯେପିର ଏକଥା କହି ସାରିଛି ଯେ ନିଜ ନିଜ ଘରେ ବାଯମାତ୍ ନମାଜ ପଢ଼ିବା ପାଇଁ ଅଭ୍ୟାସରେ ପରିଣତ କରନ୍ତୁ । ଏହା ଦ୍ୱାରା ଯେଉଁଠି ପିଲାମାନେ ଏହା ଜାଣିପାରିବେ ଯେ ନମାଜ ପଢ଼ିପା ଜରୁରୀ ଅଟେ, ସେଠାରେ ଏହା ମଧ୍ୟ ଜାଣିବେ ଯେ ବାଯମାତ୍ ନମାଜ ପାଠ କରିବା ଜରୁରୀ ଅଟେ ଏବଂ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ଏଥିରେ ଆମେ ମସ୍‌ଜିଦ୍ ଯାଇପାରୁନାହୁଁ କିନ୍ତୁ

ଏହି ଧାର୍ଯ୍ୟ କର୍ତବ୍ୟକୁ ଘରେ ନିର୍ବାହ କରିବା ଜରୁରୀ ଏହାକୁ ପୁରଣ କରିବା ଜରୁରୀ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ କେତେକ ଯାତ୍ରା କରିବା ସମୟରେ ଏମିତି ପରିସ୍ଥିତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସମ୍ମୁଖିନ ହୋଇଥିଲେ ଓ ସେ ଏଭଳି ପରିସ୍ଥିତିରେ ଯୁମା ନମାଜ ପାଠ କରିନଥିଲେ । *(ଅଲ୍‌ଫଜଲ୍ ୨୪ ଜାନୟାରୀ ୧୯୪୨ ପୃ-୧, ଖଣ୍ଡ-୨୦, ଅଙ୍କ ୨୧)*

ସେ ଯାହା ହେଉ ନା କାହିଁକି ଏମିତି ବହୁତ ରିୱାୟତ ମିଳୁଛି, ଯେଉଁଥିରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ, ସଂକ୍ରାମକ ରୋଗ ବ୍ୟାପିଥିବା ସମୟରେ ଏକାଠି ହେବା ବା ବିମାର ଅବସ୍ଥାରେ ପରସ୍ପର ସହିତ ମିଳାମିଶା କରିବା ଅନୁଚିତ । ଏଭଳି ପରିସ୍ଥିତିରେ ଅଲଗା ସଙ୍ଗରୋଧ ହୋଇ ରହିବା ଉଚିତ । ତେଣୁ ଅଲଗା ହୋଇ ରୁହ । ସେ ଯାହା ହେଉ ମୁଁ ଯେପରି ପୂର୍ବରୁ କହିସାରିଛି ଯେ ଆମେ ସବୁବେଳ ପାଇଁ ତ ଏହି (ଯୁମା ନମାଜକୁ) ଛାଡୁ ନାହୁଁ । ଏଥିଯୋଗୁଁ ଏହାର ବିକଳ୍ପ ବ୍ୟବସ୍ଥା ମଧ୍ୟ କରୁଅଛୁ ଯେ ଘରେ ରହି ଯୁମା ନମାଜ ପାଠ କର । ମୁଁ ମଧ୍ୟ କୌଣସି ନା କୌଣସି ବ୍ୟବସ୍ଥା କରିବାପାଇଁ ଚେଷ୍ଟା କରିବି ।

ଏବେ ଏହାର ଆବଶ୍ୟକତା ରହିଛି କି, ଏ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ତା'ର କୃପା ଅବତୀର୍ଣ୍ଣ କରନ୍ତୁ । ମୁଁ ପୂର୍ବରୁ ମଧ୍ୟ ଏକଥା କହିସାରିଛି ଯେ ଅଲ୍ଲାଃ ତାଲା ଏହି ମହାମାରୀ ରୁ ଦୁନିଆକୁ ଶିଘ୍ର ଆରୋଗ୍ୟ ପ୍ରଦାନ କରନ୍ତୁ ଏବଂ ସମଗ୍ର ସଂସାରକୁ ମାନବତାର ଆବଶ୍ୟକତାକୁ ଚରିତାର୍ଥ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସମସ୍ତେ ଈଶ୍ୱରଙ୍କୁ ଚିହ୍ନିପାରନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

*ଅସ୍‌ସଲାମୋ ଆଲୈକୁମ୍ ୱ*
*ରହ୍‌ମତୁଲ୍ଲାହି ୱ ବରକାତୁହୁ*

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ପ୍ରତିନିଧି ମଣ୍ଡଳରେ ସାମିଲ ଥିଲେ । ସେ ଉର୍ଦ୍ଦୁନରେ ମିନିଷ୍ଟର ଅଫ୍ ଷ୍ଟେଟ, ମିନିଷ୍ଟର ଅଫ୍ ଇଣ୍ଡଷ୍ଟି ଏଣ୍ଡ ଟ୍ରେଡ୍ ଏବଂ ମିନିଷ୍ଟର ଅଫ୍ ନ୍ୟାସନାଲ ଇକୋନୋମି ରହିସାରିଛନ୍ତି । ସେହିପରି ସେ ଡେପ୍ୟୁଟି ପ୍ରାଇମ୍ ମିନିଷ୍ଟର ଫର୍ ଇକୋନୋମିକ ଅଫେୟାର୍ସ ମଧ୍ୟ ରହିସାରିଛନ୍ତି । ସେ ଆଜିକାଲି ସରକାରି ସ୍ତରରେ ବିଭିନ୍ନ ବିଭାଗର ଚେୟାରମ୍ୟାନ ଓ ସଦସ୍ୟ ଅଛନ୍ତି । ଆଉ ଜଣେ ଅତିଥି ହେଉଛନ୍ତି ମର୍‌ୱାନ୍ ଫାଉରି ସାହେବ୍ ଯିଏ ଉର୍ଦ୍ଦୁନର ପ୍ରାଇମ ମିନିଷ୍ଟରଙ୍କ ଆଡ୍‌ଭାଇଜର୍ ଅଛନ୍ତି ସେହିପରି ସେ ଅମାନର ମେୟରଙ୍କର ମଧ୍ୟ ଆଡ୍‌ଭାଇଜର ଅଛନ୍ତି ।

ଏହି ଗ୍ରୁପର ଜଣେ ସଦସ୍ୟ ଅହେମଦ୍ ଅଲ୍‌ରୋମାଃ ସାହେବ୍ ଅଷ୍ଟ୍ରିୟା ଦେଶରୁ ଆସିଥିଲେ ସେ ହେଉଛନ୍ତି ଜଣେ ଇସ୍‌ଲାମିକ ସ୍କଲାର୍ ଏବଂ ଡ଼ାଇରେକ୍ଟର ଇନ୍ ମିଡ଼ିଲ୍ ଇଷ୍ଟ ସ୍ଟଡ଼ିଜ୍ । ଆଉ ଜଣେ ଇସ୍‌ଲାମିକ୍ ସ୍କଲାର ମୁହମ୍ମଦ ନଫିଶା ସାହେବ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ୱଲିଦ୍ ଫାଲିଅନ୍ ସାହେବ୍ ଜର୍ମାନିରେ ରହୁଛନ୍ତି ସେ ମଧ୍ୟ ସିରିଆ ଦେଶର ରାଷ୍ଟ୍ରପତିଙ୍କ ଆଡ୍‌ଭାଇଜର ରୂପେ କାର୍ଯ୍ୟ କରିଛନ୍ତି । ସୁଲେମାନ୍ ଅଲ୍‌ହମୁଦ୍ ସାହେବ୍ ଅଷ୍ଟ୍ରିୟାରୁ ଆସିଥିଲେ କିନ୍ତୁ ସେ ମଧ୍ୟ ଏ ଗ୍ରୁପରେ ସାମିଲ ହୋଇଛନ୍ତି । ସେ ମଧ୍ୟ ଜଣେ ଇସ୍‌ଲାମିକ ସ୍କଲାର ଅଟନ୍ତି । ମୁହମ୍ମଦ କାହିଦ୍ ଗୁଲ୍ ତୁର୍କୀରୁ ଆସିଥିଲେ ସେ ଜଣେ ବିଶିଷ୍ଟ ପତ୍ରକାର ଓ ଗୋଟିଏ ତୁର୍କୀ ଖବରକାଗଜର ଏଡ଼ିଟର ଅଛନ୍ତି ଓ ସେ ବିଭିନ୍ନ ଆରବୀକ ଚ୍ୟାନେଲରେ ଆରବୀକ ସ୍ପୋକ୍‌ସ ପର୍ସନ ମଧ୍ୟ ଅଛନ୍ତି ।

ଆଉ ଜଣେ ଅତିଥି ଡ଼ାକ୍ତର ହୁଶାମ୍ ସାହେବ୍ ଯିଏ ୟୁ.ଏନ୍.ଓ ଯେନିଭା ସୁଇଜରଲ୍ୟାଣ୍ଡରେ ହ୍ୟୁମାନ ରାଇଟ୍ସ କମିଟିର ସଭାପତି ଅଛନ୍ତି ।

ଜର୍ମାନିରୁ ଜଣେ ଆରବୀୟ ଡ଼ାକ୍ତର Abed Alsalam Dwyhi ମଧ୍ୟ ଏଥିରେ ସାମିଲ ଥିଲେ ସେ ହେଉଛନ୍ତି ଜଣେ ଶିଶୁରୋଗ ବିଶେଷଜ୍ଞ ।

ଏହି ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ଜଣ ଜଣ କରି ନିଜର ପରିଚୟ ପ୍ରଦାନ କଲେ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏକଥା ପ୍ରକାଶ କଲେ ଯେ, ଆମକୁ ଯମାତ୍ ଅହେମଦୀୟା ସହିତ ମିଶି ଏବଂ ତାଙ୍କ ଜଲ୍‌ସା ସାଲାନାରେ ଯୋଗ ଦେଇ ବହୁତ ଖୁସି ଲାଗିଲା । ବହୁତଗୁଡ଼ିଏ କଥାକୁ ନିଜ ଆଖି ଦ୍ୱାରା ଦେଖିଲୁ ଓ ବହୁତ ଗୁଡ଼ିଏ ଭୁଲ୍ ବୁଝାମଣା ଦୂର କରିବାର ମୌକା ମିଳିଲା ଏବଂ ବିଭିନ୍ନ ବିଷୟବସ୍ତୁ ଉପରେ ଏବଂ ଯମାତ୍ ସମ୍ବନ୍ଧରେ ଆମ ଜ୍ଞାନର ଅଭିବୃଦ୍ଧି ଘଟିଲା । ଏହିପରି ଉକ୍ତ ପ୍ରତିନିଧି ମଣ୍ଡଳ ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ବାର୍ତାଳାପ କରାଗଲା ।

ଏହି ପ୍ରତିନିଧି ମଣ୍ଡଳର ଅନେକ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କର ଅଣମୁସଲମାନ ଅତିଥିମାନଙ୍କ ପାଇଁ ଥିବା ଅଭିଭାଷଣକୁ ବହୁତ ପ୍ରଶଂସା କଲେ ଓ ଏକଥା କହିଲେ ଯେ, ଏହି ଅଭିଭାଷଣରେ ଆମର ବହୁତ ଗୁଡ଼ିଏ ପ୍ରଶ୍ନର ଉତର ମିଳିଗଲା । ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏ ପରାମର୍ଶ ପେଶ୍ କଲେ ଯେ, କେତେକ ଇସ୍‌ଲାମିୟ ଅନୁଷ୍ଠାନଙ୍କ ତରଫରୁ ଯମାତ୍ ଅହେମଦୀୟାକୁ ବାଇକଟ୍ କରିବା ଯୋଗୁଁ ଆମେ ବହୁତ ଦୁଃଖିତ ଓ ସେହି ବାଇକଟ୍ ଯୋଗୁଁ ଫତାୱା ତକ୍‌ଫିର୍ (ଅର୍ଥାତ ବିଧର୍ମୀ ହେବାର ଫତ୍ୱଆ) ଘୋଷଣା କରାଯାଇଛି । ତେଣୁ ଆମେ ନିଜର ନୈତିକ ଓ ବୌଦ୍ଧିକ କର୍ତବ୍ୟ ଭାବି ଆମେ ଏକଥା ପେଶ୍ କରିବାକୁ ଚାହୁଁଛୁ ଯେ, ଅହେମଦୀୟା ମୁସ୍‌ଲିମ୍ ଯମାତ୍‌ର ସଦସ୍ୟମାନଙ୍କ ସହିତ ଅନ୍ୟାନ୍ୟ ଇସ୍‌ଲାମିୟ ଗୋଷ୍ଠୀର ସଦସ୍ୟମାନଙ୍କର ସାକ୍ଷାତକାର କରାଯାଉ ଯାହାର ଲକ୍ଷ୍ୟ କେବଳ ସେହି ଫତ୍‌ୱା ତକ୍‌ଫିର୍‌କୁ ଶେଷ କରିବା ଓ ଆପୋଷରେ ସମ୍ମାନ ଓ ସହଯୋଗ କରି ଏକ ନୂଆ ଯୁଗର ଆରମ୍ଭ କରିବା । ତେଣୁ ଏଥିସକାଶେ ଅହ୍‌ଲେ ସୁନତ୍ ଯମାଅତ୍ ର କେତେକ ଓଲେମା ଏବଂ ଯମାତ୍ ଅହେମଦୀୟାର ଓଲେମାମାନଙ୍କ ମଧ୍ୟରେ ବାର୍ତାଳାପ କରିବାର ବ୍ୟବସ୍ଥା କରାଯାଉ ତା'ପରେ ଗୋଟିଏ ଏପରି ସମନ୍ୱୟ ନିଷ୍କର୍ସରେ ପହଂଚିବା ଯାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉଥିବ ଓ ତାହା ମୁଳ ବିଶ୍ୱାସ ଉପରେ ଆଧାରିତ ହେଉଥିବ । ପୁଣି ଏହା ମଧ୍ୟ ପରାମର୍ଶ ଦେଲେ ଯେ, ଏପରି କନ୍‌ଫରେନ୍ସ ଅମାନ୍ ତଥା କାହିରା ତଥା ଇସ୍ତନବୁଲ୍‌ରେ ଅନୁଷ୍ଠିତ କରାଯାଉ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, କଣ ଆପଣମାନେ ସିହା ହଜ୍‌ରାତ୍‌କୁ ଏଥିରେ ସାମିଲ କରିଛନ୍ତି । ଉକ୍ତ ପ୍ରତିନିଧି ମଣ୍ଡଳର ମୁଖିଆ କହିଲେ, ନୁହେଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ସେମାନଙ୍କୁ ମଧ୍ୟ ସାମିଲ କରନ୍ତୁ ସମସ୍ତଙ୍କର ପ୍ରତିନିଧିତ୍ୱ ହେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଦ୍ୱିତୀୟରେ ଆପଣମାନେ ଓଲେମା ମାନଙ୍କ ସହିତ ଯେଉଁ ବାର୍ତାଳାପ କରିବାପାଇଁ ଇଛା ରଖିଛନ୍ତି ତାହାର ଅର୍ଥ ଯଦି ମୁନାଜିରା (ଅର୍ଥାତ ଧର୍ମ ତର୍କ ଭିତିକ ବାର୍ତାଳାପ) ତେବେ ପୁଣି ଏହା ସଫଳ ହେବା କଠିନ୍ । ହଁ ଯଦି ପ୍ରତ୍ୟେକ ଫିର୍କା (ଦଳ)ଙ୍କୁ କେବଳ ନିଜର ମନୋଭାବ ବ୍ୟକ୍ତ କରିବାପାଇଁ ମୌକା ଦିଆଯାଏ ଓ ଅନ୍ୟ ଗୋଷ୍ଠୀମାନଙ୍କ ଉପରେ ଆକ୍ଷେପ/ ସମାଲୋଚନା ବା ସେମାନଙ୍କ ସହିତ ମୁନାଜିରା କରିବା ଉଦ୍ଦେଶ୍ୟ ନାହିଁ ତେବେ ଠିକ୍ ଅଛି । ଯଦି ମୁନାଜିରା ହେବ ତେବେ ତାହାର କେଣସି ଲାଭ ହେବ ନାହିଁ ହଁ ଯଦି ଏକଥା ଜଣିବାକୁ ଚାହିଁବେ କି ଅହେମଦୀୟତ କଣ ତେବେ ଠିକ୍ ଅଛି ?

ଏଥିରେ ସେହି ୱଫଦ୍‌ର ସଦସ୍ୟମାନେ କହିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ଏହା କି, ପ୍ରତ୍ୟେକ ନିଜ ନିଜର ଦୃଷ୍ଟିକୋଣକୁ ହିଁ ଉପସ୍ଥାପନ କରନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନଙ୍କୁ ନିଜ ପଚେଷ୍ଟାର କେନ୍ଦ୍ରବିନ୍ଦୁ ଏକଥାକୁ ବନାଇବା ଉଚିତ ହେବ ଯେ, ଯେଉଁ ବ୍ୟକ୍ତି ପବିତ୍ର କଲିମା ପଢୁଅଛି ବା ନିଜକୁ ମୁସଲମାନ ବୋଲି କହୁଅଛି । ତାକୁ ଅନ୍ୟ କେହି କାଫିର୍ ବୋଲି କହିବାର ଅଧିକାର ରଖିବା ଉଚିତ ନୁହେଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ଯେ, **ତାଆଲୋ ଇଲା କଲିମତିନ୍ ସୱାଇମ୍ ବଇନନା ୱ ବଇନକୁମ୍** ଅର୍ଥାତ ଅନ୍ୟ ସମସ୍ତ ଧର୍ମଗୁଡ଼ିକୁ ଏ ବାର୍ତା ଦିଆଯାଇଛି ଯେ, ଆସନ୍ତୁ ଏହି ଗୋଟିଏ କଥା ଉପରେ ଏକାଠି ହୋଇଯିବା କି ଆମର ଈଶ୍ୱର ହେଉଛନ୍ତି ଜଣେ, ତେଣୁ ମୁସଲମାନମାନେ ଆପୋଷରେ କାହିଁକି ଏକାଠି ହୋଇପାରିବେ ନାହିଁ ଯେବେକି ଆମ ସମସ୍ତଙ୍କର ଏକ ଈଶ୍ୱର ଅଛନ୍ତି, ଜଣେ ନବୀ ଅଛନ୍ତି ଓ ଗୋଟିଏ କୋରାନ୍ ଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନଙ୍କର ଯେଉଁ ଆଇଡ଼ିଆ ରହିଛି, ଆପଣମାନଙ୍କର ଯେଉଁ ମନୋଭାବ ଅଛି ସେଥିରେ ମୁଁ ଅତ୍ୟନ୍ତ ଖୁସି କିନ୍ତୁ ଏହା ବହୁତ କଷ୍ଟକର କାର୍ଯ୍ୟ ଅଟେ । ଆପଣମାନଙ୍କୁ ବିରୋଧର ଶିକାର ହେବାକୁ ପଡ଼ିବ । ଏବେ ମୁସଲମାନ ଫିର୍କା ଗୁଡ଼ିକୁ ଯଦି ଏକାଠି କରିବାକୁ ଚାହୁଁଛ ତେବେ ସେଥିପାଇଁ ରାଜନୈତିକ ଭାଲ୍ୟୁ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁସଲମାନମାନଙ୍କର ବିଭିନ୍ନ ଫିର୍କା ରହିଛି କିନ୍ତୁ ସମସ୍ତ ମୁସଲମାନ ହେବା ସତ୍ୱେ ମଧ୍ୟ ଏକାଠି ନୁହନ୍ତି ସମସ୍ତଙ୍କର କଲ୍‌ମା ଗୋଟିଏ ନବୀ ଜଣେ ଓ ପବିତ୍ର କୋରାନ୍ ଏକ କିନ୍ତୁ ଏହା ସତ୍ୱେ ମଧ୍ୟ ସମସ୍ତେ ଏକାଠି ହେଉନାହାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କେତେକ କହୁଛନ୍ତି ଯେ, ଆମ କୋରାନ୍ ଅଲଗା ଯେବେ କି ଏପରି ନୁହେଁ କୋରାନ୍ ହେଉଛି ଏକ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏ ପୃଥିବୀରେ ଆମେ ହେଉଛୁ ଗୋଟିଏ ସମ୍ପ୍ରଦାୟ ଯିଏ ପବିତ୍ର କୋରାନ୍‌କୁ ବିଭିନ୍ନ ଭାଷାରେ ଅନୁବାଦ କରିଅଛି ଓ ଏହା ସବୁ କିଛି ଖୋଲାଖୋଲି ରୂପେ ହୋଇଛି ଆମର ଆସ୍ଥା ଓ ବିଶ୍ୱାସ ବିଷୟରେ ସମସ୍ତେ ଜାଣିଛନ୍ତି । ଆମର ସବୁକିଛି ଖୋଲା ଅଛି, ପବିତ୍ର କୋରାନ୍‌ର କେତେକ ଆୟତଗୁଡ଼ିକର ବ୍ୟାଖ୍ୟାରେ ଫରକ ରହିଛି, ଆମମାନଙ୍କର ଗୋଟିଏ ପ୍ରକାର ତ ଆପଣମାନଙ୍କର ଗୋଟିଏ ପ୍ରକାର ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯେଉଁ ପାକିସ୍ତାନ ଆମକୁ ଅଣମୁସଲିମ୍ ଅଭିହିତ କରିଛି ସେଥିରେ ଏକଥା ଲେଖା ଯାଇଛି ଯେ, For the Purpose of Law & constitution you are not Muslim. ସେମାନେ କାନୁନ୍ ଓ ଆଇନର ଉଦ୍ଦେଶ୍ୟକୁ ସମାଧାନ କରିବାପାଇଁ ଆମକୁ ମୁସ୍‌ଲିମ୍ ନୁହଁ ବୋଲି କହୁଛନ୍ତି । ପବିତ୍ର କୋରାନ୍ ଓ ହଦୀସ୍‌ର ଆଲୋକରେ ଏକଥା କହୁନାହାନ୍ତି ବରଂ କାନୁନ ଏବଂ ଆଇନ ଅନୁସାରେ ସେମାନେ ଆମକୁ ଅଣ ମୁସଲିମ୍ ବୋଲି ଅଭିହିତ କରୁଛନ୍ତି ।

ଓ୍ୱଫଦ୍‌ର ସଦସ୍ୟମାନେ ନିବେଦନ କଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ନିଜ ତରଫରୁ କୌଣସି ଏକ ପ୍ରତିନିଧିମଣ୍ଡଳ ନିୟୋଜିତ କରନ୍ତୁ ଯାହା ସହିତ ବସି ଆମେ ଆସନ୍ତାକୁ ଏ ବିଷୟରେ ବାର୍ତାଳାପ କରିପାରିବୁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ଏକ ଉମ୍ମତ ହେଉନାହିଁ ତେବେ ଆପଣମାନେ ଯାହା ମଧ୍ୟ କିଛି କରିନିଅନ୍ତୁ ତା'ର କୌଣସି ଲାଭ ମିଳିବନାହିଁ । ବାକି ଆପଣମାନଙ୍କର ଯାହା କିଛି ପରାମର୍ଶ ଅଛି ବା ଯୋଜନା ଅଛି ତାହା ମୋ ନିକଟକୁ ଲେଖିକି ପଠାନ୍ତୁ ତା'ପରେ ମୁଁ ଏକଥା କହିବି ଯେ, କଣ କରିବା ଉଚିତ ଓ କଣ ଷ୍ଟ୍ରାଟେଜି ହେବା ଉଚିତ ।

ଜଣେ ସଦସ୍ୟ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣରେ ଅଲ୍‌କୁଦୁସ୍ ପ୍ରସଙ୍ଗରେ କଥା ହେଲାନାହିଁ ସେଠାରେ ପାଲେଷ୍ଟାଇନ୍‌ର ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଶେଷ କରିଦିଆ ଯାଉଅଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆମେ ତ ସର୍ବପ୍ରଥମେ ପାଲେଷ୍ଟାଇନ୍‌ର ଲୋକମାନଙ୍କ ସପକ୍ଷରେ ସ୍ୱର ଉତଳନ କରିଥିଲୁ । ଚୌଧୁରୀ ଜଫ୍‌ରୁଲ୍ଲା ଖାନ୍ ସାହେବ୍ ର:ଅ ସେମାନଙ୍କର ସମସ୍ୟାର ଡ଼ିଫେନ୍ସ କରିଥିଲେ । ବାସ୍ତବ କଥା ହେଉଛି ଏହା କି ମୁସଲମାନ ମାନେ ହିଁ ନିଜେ ଏକାଠି ହେଉନାହାନ୍ତି ଅଣଇସ୍‌ଲାମିୟ ସରକାରଙ୍କଠାରୁ ସାହାଯ୍ୟ ନେଇ ନିଜ ମୁସଲମାନ ଦେଶମାନଙ୍କ ବିରୋଧରେ ଏହାକୁ ବ୍ୟବହାର କରୁଛନ୍ତି । ଯେତେବେଳେ ଏମାନେ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କଠାରୁ ସାହାଯ୍ୟ ନେଉଛନ୍ତି ସେତେବେଳେ ପୁଣି ସେହି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ନିଜ କଥାକୁ ମନାଉଛନ୍ତି । ମୁସଲମାନମାନଙ୍କର କୌଣସି ସାମୁହିକ ଶକ୍ତି ନାହିଁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମେ ଆଫ୍ରିକାରେ ଆପଣମାନଙ୍କୁ ସାହାଯ୍ୟ କରିପାରିବୁ । ଆପଣମାନଙ୍କ ସହିତ ମିଶି କାମ କରିପାରିବୁ । ଆଫ୍ରିକାରେ ଆମେ ମେଡ଼ିକାଲ୍ କ୍ୟାମ୍ପସ୍‌ର ଅନୁଷ୍ଠିତ କରୁଅଛୁ । ସେହିପରି ଶିକ୍ଷା ବିଭାଗ, ସୌରଶକ୍ତି, ବିଶୁଦ୍ଧ ପାଣିର ବ୍ୟବସ୍ଥା ଏବଂ କେତେକ ଦେହାତି ମଫସ୍‌ଲ ଇଲାକାକୁ ଚୟନ କରି ସେମାନଙ୍କର ବିକାଶ ପାଇଁ କାର୍ଯ୍ୟ କରୁଅଛୁ । ଏତଦ୍‌ବ୍ୟତିତ ଆହୁରି ମଧ୍ୟ ଅନେକ ପ୍ରୋଜେକ୍ଟ ଉପରେ କାମ ଜାରି ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମେ ତ ସବୁବେଳ ପାଇଁ ଓପନ୍ ରହିଛୁ ଯଦି ଆପଣ ମଧ୍ୟ ଓପନ ଅଛନ୍ତି ତେବେ ଆମେ ଆପଣମାନଙ୍କୁ ସ୍ୱାଗତ ଜଣାଉଛୁ ।

ଏହି ଓ୍ୱଫଦ୍‌ରେ ସାମିଲ ହୋଇଥିବା ଜଣେ ମହିଳା କହିଲେ ଯେ, ମହିଳାମାନଙ୍କ ନିମନ୍ତେ ଥିବା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ବହୁତ ଉଚ୍ଚକୋଟୀର ଥିଲା ଯେଉଁଥିରେ ହଜୁର ଅନଓ୍ୱର ଅ:ବ:ଅ ମହିଳା ଓ ପୁରୁଷମାନଙ୍କୁ କାନ୍ଧରେ କାନ୍ଧ ମିଳାଇ ଓ ପ୍ରଶିକ୍ଷଣ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ ଏହି ଆଧାରରେ ମୁଁ ଆଶା କରୁଛି ଯେ ଆସନ୍ତା ବର୍ଷ ମହିଳାମାନଙ୍କୁ ପୁରୁଷମାନଙ୍କ ଜଲ୍‌ସାଗାଃରେ ଭାଷଣ ଦେବାପାଇଁ ଅନୁମତି ମିଳିଯିବ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମହିଳାମାନଙ୍କ ନିମନ୍ତେ ଯେଉଁ ଅଭିଭାଷଣ ଦିଆଯାଉଛି ତାହା ମହିଳାମାନଙ୍କ ସମ୍ମୁଖରେ ହିଁ ଦିଆ ହୁଏ । ଆମେ ପବିତ୍ର କୋରାନ୍ ଏବଂ ସୁନ୍ନତ ମୁତାବକ ମହିଳାମାନଙ୍କ ସମସ୍ତ ଅଧିକାର ବିଷୟରେ ଚର୍ଚ୍ଚା କରିଥାଉଁ ଓ ତା ଉପରେ ପରିଚାଳିତ ମଧ୍ୟ ହୋଇଥାଉଁ ଯଦି ଆପଣ ଏକଥା ଭାବୁଛନ୍ତି ଯେ, ହଜ୍‌ରତ ଆଇଶା ର:ଅ ସାହାବାମାନଙ୍କୁ ଅଧାଦୀନ୍, ଅଧା ଧର୍ମ ସିଖାଇଛନ୍ତି ବୋଲି ତେବେ ସେ ସେହି ଅଧା ଦୀନ୍, ଅଧା ଧର୍ମ ପର୍ଦ୍ଦା ଆଢୁଆଳରେ ରହି ଶିଖାଇଥିଲେ ।

ଏହି ପ୍ରତିନିଧି ମଣ୍ଡଳଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଥିବା ଉକ୍ତ ସାକ୍ଷାତକାର ୮:୫୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଜର୍ଜିୟା ଦେଶରୁ ଆସିଥିବା ଅତିଥିମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହତ ସାକ୍ଷାତକାର**

ଏହାପରେ ଜର୍ଜିୟା ଦେଶରୁ ଆସିଥିବା ମେମ୍ବର ଅଫ୍ ପାର୍ଲାମେଟଂ ଓ କେତେକ ଅଫିସିଆଲ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ପ୍ରତିନିଧିମଣ୍ଡଳଙ୍କର ସଂଖ୍ୟା ଥିଲା ପାଂଚ । Giorgi Gabashvili (Member of Parliament), Mr. Sergo Ratiani (Member of Parliament), Mr. Beka Mindiashvili (Head of Tolerence & Divercity Center), Mr George Ugulava (Secretary General of Europian Gergia Party) &

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |

| | |
|---|---|
| (ii) | Chelidonium Maj - 1x |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

Mr. Irakli Kiknavelidze (Press Speaker Europian Gergia Party) ସାମିଲ ଥିଲେ ।

ଏହି ପ୍ରତିନିଧିମଣ୍ଡଳ ସହିତ ଦେଶରେ ରାଜନୈତିକ ଅବସ୍ଥା ପ୍ରସଙ୍ଗରେ ବିଭିନ୍ନ ବିଷୟବସ୍ତୁ ଉପେର ବାର୍ତାଳାପ କରାଗଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କର ଦେଶ ହେଉଛି ଏକ ଶାନ୍ତିପୂର୍ଣ୍ଣ ଦେଶ ତେଣୁ ଆପଣ ଟୁରିଜିମ୍‌କୁ କାହିଁକି ବିକାଶ କରୁନାହାନ୍ତି ଏହା ଦ୍ୱାରା ଆପଣଙ୍କର ଅର୍ଥନୀତି ସୁଦୃଢ଼ ହେବ ।

ଜର୍ଜିୟାର ମୁବ୍‌ଲିଗ୍ ସାହେବ କହିଲେ ଯେ, ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାରେ ଅଣମୁସ୍‌ଲିମ୍ ତଥା ଅଣଅହେମଦୀ ଅତିଥିମାନଙ୍କୁ ସମ୍ବୋଧନ କରୁଥିଲେ ସେତେବେଳେ ପାର୍ଲାମେଂଟର ସଦସ୍ୟ ସର୍ଜିଓ ରାଥିୟାନି ଭାଷଣ ଚାଲିଥିବା ସମୟରେ ବାରମ୍ବାର ମତେ ଇଙ୍ଗିତ କରି କହୁଥିଲେ ଯେ, କେଡ଼େ ସୁନ୍ଦର ଭାଷଣ ଚାଲିଛି ଓ ଖଲିଫତୁଲ୍ ମସିହ୍ To the Point କଥା କହୁଛନ୍ତି । ପୁଣି ସେ କହିବାକୁ ଲାଗିଲେ ଯେ, ଏପରି ଭାଷଣ ବହୁତ କମ୍ ଶୁଣିବାକୁ ମିଳିଥାଏ ।

ସାକ୍ଷାତକାର ବେଳେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଜର୍ଜିୟା ଦେଶ ସମ୍ବନ୍ଧରେ କଥା ହେଉଥିଲେ ସେତେବେଳେ ସେ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ ଓ କହିବାକୁ ଲାଗିଲେ ଯେ, ଆମର ଏହି ଛୋଟିଆ ଜର୍ଜିୟା ଦେଶ ସମ୍ବନ୍ଧରେ ଖଲିଫତୁଲ୍ ମସିହ୍‌ଙ୍କର ଗଭୀର ଜ୍ଞାନ ରହିଛି ।

ସାକ୍ଷାତକାର ଏହି ପ୍ରୋଗ୍ରାମ ୯:୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଆରବୀୟ ଅତିଥିମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ତା'ପରେ ପ୍ରୋଗ୍ରାମ ମୁତାବକ ଆରବ ଦେଶଗୁଡ଼ିକରୁ ଆସିଥିବା ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଆରବୀୟ ମାନଙ୍କ ସହିତ ସାକ୍ଷାତକାରର ବ୍ୟବସ୍ଥା ଗୋଟିଏ ବଡ଼ ହଲ୍ ଭିତରେ କରାଯାଇଥିଲା । ଆରବୀୟ ପୁରୁଷ ଓ ମହିଳାମାନଙ୍କର ସଂଖ୍ୟା ଊଣାଅଧିକେ ୩୫୦ ଥିଲା ସେଥିରେ ଅଣ ଅହେମଦୀ ସଦସ୍ୟମାନଙ୍କର ସଂଖ୍ୟା ୧୨୦ ଥିଲା । ଜର୍ମାନି ବ୍ୟତିତ ଏହି ଆରବୀୟ ଲୋକମାନେ ହଲାଣ୍ଡ, ଅଷ୍ଟ୍ରିୟା, ନରଓ୍ୱେ, ସ୍ୱିଡ଼େନ୍, ଫ୍ରାନ୍ସ,ସ୍ପେନ୍ ଏବଂ ଇଟାଲି ଦେଶରୁ ଆସିଥିଲେ । ବିଭିନ୍ନ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସେମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଦରଖାସ୍ତ କଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ସମସ୍ତଙ୍କ ଉପରେ କୃପା କରନ୍ତୁ ।

ଜଣେ ମହିଳା ନିବେଦନ କଲେ ଯେ, ମୁଁ ଏ ଜଲ୍‌ସାର ଶୁଭେଚ୍ଛା ଦେବାକୁ ଚାହୁଁଅଛି ଓ ମୋର ଏ ପ୍ରାର୍ଥନା ଯେ, ଲୋକମାନେ ଦଳ ଦଳ ହୋଇ ଅହେମଦୀୟତରେ ପ୍ରବେଶ କରନ୍ତୁ । ମୋ ଝିଅ କସିଦାଃ (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୁଣଗାନର କବିତା) ମୁଖସ୍ତ କରିଛନ୍ତି ସେ ଶୁଣାଇବାକୁ ଚାହୁଁଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କହିଲେ । ଦୁଇପଦ ଶୁଣାଇ ଦିଅନ୍ତୁ ଏଥିରେ ସେହି ଝିଅପିଲାଟି ଅତ୍ୟନ୍ତ ଆବେଗଭରା କଣ୍ଠରେ କସିଦାଃ ପାଠ କଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ମାଶାଅଲ୍ଲାଃ ବହୁତ ସୁନ୍ଦର ପଢ଼ିଲେ ।

ଆଉ ଗୋଟିଏ ପିଲା ଗୋଟିଏ ଚିତ୍ରକଳା ତିଆରି କରିଥିଲା ସେ ତାକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଉପସ୍ଥାପନ କଲା । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ନିଜର **ଆଲୈସଲ୍ଲାହୁ** ବାଲା ମୁଦି ତା ଚେହେରାରେ ଲଗାଇଲେ । ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତକୁ ଚୁମ୍ବନ ଦେଲା ଏଥିରେ ମାଆଙ୍କର ଖୁସି ଦେଖିବାର ଥିଲା । ସେ ଭାବବିହ୍ୱଳ ହୋଇ କାନ୍ଦୁଥିଲେ । ଏହି ଚିତ୍ରକଳାଟି ଗୋଟିଏ ଲୋକର ସ୍କେଚ୍ ଉପରେ ଆଧାରିତ ଥିଲା । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ପିଲାଟିକୁ ବୁଝାଇଦେଲେ ଯେ, କୌଣସି ଲୋକର ସ୍କେଚ ବନାଇବ ନାହିଁ ଆସନ୍ତାକୁ କୌଣସି ପଶୁ ପକ୍ଷୀର ସ୍କେଚ ବନାଇବ ।

ଆଉ ଜଣେ ଅତିଥି କହିଲେ ଯେ, ମୁଁ ଗତବର୍ଷଠାରୁ ଗୋଟିଏ ଅମାନତ୍ ନେଇ ଘୁରି ବୁଲୁଛି । ମୋ ଭଉଣୀ ମତେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସଲାମ୍ ପଂହଚାଇବା ପାଇଁ କହିଥିଲା । ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ୱ ଆଲୈକୁମ୍ ସଲାମ୍ । ସେ ପୁଣି କହିଲା ଯେ, ମତେ ଉଚ୍ଚରକ୍ତଚାପ ରୋଗ ଅଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସକାଳୁ ଉଠି ଦୁଇ ମାଇଲ ଦଉଡ଼ ଓ ଦୁଇଗ୍ଲାସ ପାଣି ମଧ୍ୟ ପିଅ । ପୁଣି ସେ କହିଲେ ଯେ, କାଲି ମତେ ଡ଼ାକ୍ତର ଚେକ୍ କରିଥିଲେ ଓ କହିଲେ ଯେ, ମତେ ମଧୁମେହ ମଧ୍ୟ ଅଛି ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ପାଣି ପିଇବା ଦ୍ୱାରା ମଧୁମେହ ରୋଗ ମଧ୍ୟ ଭଲ ହୋଇଯାଏ ।

ଆଉ ଜଣେ ମହିଳା କହିଲେ ଯେ, ମତେ ବୟତ କରିବାକୁ ତିନିମାସ ହୋଇଗଲାଣି କିନ୍ତୁ ଏ ପର୍ଯ୍ୟନ୍ତ ମୁଁ ଘର ଲୋକଙ୍କୁ ଜଣାଇ ନାହିଁ । ମୁଁ ସ୍ୱପ୍ନରେ ଏକଥା ଦେଖିବାକୁ ପାଇଲି ଯେ, ମୋ ମାଆ କହୁଛନ୍ତି କି, ଆମ ଘରର ସମସ୍ତ ଲୋକେ ବୟତ କରିନେଇଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସେମାନଙ୍କୁ ଧିରେ ଧିରେ ଏ ବିଷୟରେ ଜଣାନ୍ତୁ ସେମାନଙ୍କୁ ଏମ୍.ଟି.ଏ ସହିତ ଯୋଡ଼ନ୍ତୁ ଓ ସେମାନଙ୍କୁ ଅହେମଦୀୟତ ବିଷୟରେ ଜଣାନ୍ତୁ ଯେ ଅହେମଦୀୟତ କଣ ଓ କୁହନ୍ତୁ ଯେ ଏହା ହେଉଛି ଅହେମଦୀ ମାନଙ୍କର ଚ୍ୟାନେଲ ତେଣୁ ଏହାକୁ ଦେଖନ୍ତୁ ଏହିପରି ଧିରେ ଧିରେ ସେମାନଙ୍କୁ ଅହେମଦୀୟତ ସମ୍ବନ୍ଧରେ ଜ୍ଞାନ ମିଳିବ ଫଳତଃ ସେମାନେ ଆକର୍ଷିତ ହେବେ । ତେଣୁ ଧିରେ ଧିରେ ସେମାନଙ୍କୁ ବତାଇ ଚାଲନ୍ତୁ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଯଦି ଆପଣଙ୍କ ଏରିଆରେ ଅହେମଦୀମାନେ ଗୋଟିଏ ଜାଗାରେ ଏକାଠି ହୋଇପାରିବେ ତେବେ ସମସ୍ତେ ମିଳିମିଶି ଘରେ ନମାଜ ପଢ଼ିପାରିବେ । ଆପଣଙ୍କ ଘର ହେଉ ବା ଅନ୍ୟ କାହା ଘର ହେଉ ଯେଉଁଠି ବ୍ୟବସ୍ଥା ହୋଇପାରିବ ସେଠାରେ ପଢ଼ନ୍ତୁ ।

ଆଉ ଜଣେ ଯୁବକ କହିଲେ ଯେ, ମୁଁ ଜଣେ ସିରିଆ ନିବାସୀ ଓ ନରଓ୍ୱେରୁ ଆସିଛି ମୁଁ ତିନିଥର ଏ ସ୍ୱପ୍ନ ଦେଖିଲିଣି ଯେ, ମୁଁ ହଜୁରଙ୍କ ସହିତ କାନ୍ଧ ମିଳାଉଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ବ୍ୟକ୍ତିଗତ ସାକ୍ଷାତକାର ସମୟରେ ଏ ଇଚ୍ଛା ପୂରଣ ହୋଇଯିବ ପୁଣି କହିଲେ ଲେଉଟିବା ସମୟରେ ମୁଁ ଦେଖିନେବି ।

ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଆରବୀୟ ଲୋକମାନଙ୍କ ସେବାରେ ଏମ୍.ଟି.ଏ ଅଲ୍ ଆରବୀୟା ୩ ର ଶୁଭାରମ୍ଭ କରିଛନ୍ତି । ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କଣ ଆପଣ ଏମ.ଟି.ଏ ଦେଖୁଛନ୍ତି ଏଥିରେ ସେ ମହାଶୟ କହିଲେ ଯେ କି ମୁଁ ଅହେମଦୀ ହେବା ପୂର୍ବରୁ ୨୪ ଘଂଟା ଏମଟିଏ ଦେଖୁଥିଲି ସେଥିଯୋଗୁଁ ମୋର ନିଦ ପୁରଣ ହେଉନଥିଲା । ମୁଁ ନମାଜ ଶୀଘ୍ର ଶୀଘ୍ର ପଢୁଥିଲି ଯଦ୍ୱାରା ପୁଣି ଏମ୍‌ଟିଏ ଦେଖିବାର ଧାରା ଜାରି ରଖିପାରିବି ।

ଯମନ୍ ଦେଶର ଜଣେ ବନ୍ଧୁ ପଚାରିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ନିଜ ଭାଷଣରେ ବର୍ଣ୍ଣନା କରିଛନ୍ତି କଣ ଇସ୍‌ଲାମ ଏହି ଯୁଦ୍ଧ ପରେ ବ୍ୟାପିବ ବା ତା ପୂର୍ବରୁ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ପ୍ରକୃତ କଥା ହେଉଛି ଏହା କି, ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ଯେଉଁ ବାସ୍ତବିକ ଶିକ୍ଷାକୁ ଉପସ୍ଥାପନ କରୁଅଛି ସେ ବିଷୟରେ ପୃଥିବୀ ବାସୀ ଜାଣିବା ଉଚିତ ଯଦ୍ୱାରା ଯେବେ ଏହି ଯୁଦ୍ଧର ପରିସ୍ଥିତି ସୃଷ୍ଟି ହେବ ସେତେବେଳେ ଲୋକମାନଙ୍କୁ ମନେ ପଡ଼ିଯିବ ଯେ, ହଁ କେତେକ ଲୋକ ଏହି ସଠିକ ମାର୍ଗ ଆଡ଼କୁ ଡ଼ାକୁଥିଲେ ବାକି ଯେଉଁମାନେ ଖୁଦାତାଲାଙ୍କର ଅଧିକାରକୁ ପ୍ରଦାନ କରୁନାହାନ୍ତି ସେମାନେ ପରିଶେଷରେ ଏହି ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବେ । ଯେତେବେଳେ ଆପଣ ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ଉପସ୍ଥାପନ କରିବେ ସେତେବେଳେ ପୃଥିବୀବାସୀ ଏକଥା ଜାଣିଯିବେ ଯେ, ଯେଉଁ ଇସ୍‌ଲାମ୍‌କୁ ମୁଲ୍ଲାମାନେ ପେଶ୍ କରୁଛନ୍ତି ବା ଅନ୍ୟାନ୍ୟ ଫିର୍କା (ଇସ୍‌ଲାମିୟ ଗୋଷ୍ଠୀ) ପେଶ୍ କରୁଛନ୍ତି ତାହା ଭୁଲ୍ ଅଟେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ କହିଥିଲେ ''ମୁସଲମାନମାନଙ୍କୁ ଯେଉଁମାନେ ଏ ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଏକ ଦୀନ୍ (ଧର୍ମ) ଉପରେ ଏକାଠି କର'' ସୁତରାଂ ଯଦି ଏକାଠି ହେବେ ତେବେ ବଂଚିଯିବେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ

**ଆଗ ହୈ ପର ଆଗ ସେ ୱହ ସବ୍ ବଚାଏ ଜାଏଗେଁ**

**ଯୋ କେ ରଖ୍‌ତେ ହେଁ ଖୁଦାଏ ଜୁଲ୍**

**ଅଜାଇବ୍ ସେ ପ୍ୟାର୍**

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ପ୍ରତ୍ୟେକ ଅହେମଦୀର କାର୍ଯ୍ୟ ହେଉଛି ଏହା କି, ସେ ଇସ୍‌ଲାମ୍‌ର ପ୍ରକୃତ ବାର୍ତାକୁ ପୃଥିବୀବାସୀଙ୍କ ନିକଟରେ ପଂହଚାଉ ଓ ଏକଥା ବତାଇ ଦଉ ଯେ, ଶାନ୍ତି ପାଇବାର ଓ ମୋକ୍ଷ ହାସଲ କରିବାର ଗୋଟିଏ ହିଁ ମାର୍ଗ ରହିଛି ତାହା ହେଉଛି ଖୁଦାତାଲାଙ୍କ ଆଡ଼କୁ ଫେରି ଆସ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗ୍ରହଣ କର ଏବଂ ତାଙ୍କ ହାତରେ ବୟତ କର ଯାହାଙ୍କୁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ପ୍ରେରଣ କରିଛନ୍ତି ତାହାଙ୍କ କିଲ୍ଲା ଭିତରକୁ ଚାଲି ଆସ ।

ଆରବୀୟ ଲୋକମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୯:୩୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ସେଠାରୁ ବିଦାୟ ନେବାକୁ ଲାଗିଲେ ସେତେବେଳେ କହିଲେ ସେହି ଯୁବକ ଜଣକ କାହାନ୍ତି ଯିଏ କାନ୍ଧ ମିଳାଇବାକୁ ଚାହୁଁଥଲେ ଏହା ଶୁଣି ସେହି ଯୁବକ ଜଣକ ଦୌଡ଼ି ଆସିଲେ ଓ ହଜୁର ଅନଓ୍ୱର ଅ:ବ:ଅଙ୍କୁ କୁଣ୍ଢାଇ ପକାଇଲେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କୋଳେଇ ନେଲେ । ସେ କାନ୍ଧ ମିଳାଇବା ସହିତ ହାତ ମଧ୍ୟ ମିଳାଇଲେ ଓ ତା'ପରେ ଖୁବ୍ ମାତ୍ରାରେ ପ୍ରେମ ମଧ୍ୟ ହଜୁରଙ୍କଠାରୁ ସାଉଁଟି ନେଲା । ତା'ପରେ ସେହି ଯୁବକ ଜଣକ ଅନବତର କାନ୍ଦିବାକୁ ଲାଗିଲେ ତାଙ୍କ ସାଙ୍ଗସାଥିମାନେ ତାଙ୍କୁ ସାନ୍ତ୍ୱନା ଦେଲେ । କେଡ଼େ ସୌଭାଗ୍ୟବାନ ସେ ଯୁବକ ଥିଲା ଯିଏ କିଛି କ୍ଷଣ ମଧ୍ୟରେ ବର୍‌କତ୍‌ର ସମ୍ଭାର ସାଉଁଟି ନେଲା ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷ ମାନଙ୍କ ଜଲ୍‌ସାଗାଃ ରେ ପଦାର୍ପଣ କରି ନମାଜ ମଗ୍‌ରିବ ଏବଂ ଇସା ଜମା କରି ପଢ଼ାଇଲେ ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କ ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କର ଆଜିକାର ଅଭିଭାଷଣଟି ଅତିଥିମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଇଛି ଓ ଅନେକ ଅତିଥି ଖୋଲାଖୋଲି ଭାବେ ଏକଥାକୁ ପ୍ରକାଶ କରିଛନ୍ତି ଯେ, ଖଲିଫତୁଲ୍ ମସିହିଲ୍‌ଙ୍କ ଅଭିଭାଷଣରୁ ଆଜି ଆମକୁ ଇସ୍‌ଲାମ୍‌ର ଅସଲ ଏବଂ ବାସ୍ତବିକ ଶାନ୍ତିପୂର୍ଣ୍ଣ ଶିକ୍ଷାର ଜ୍ଞାତ ହେଲା ଏହି ଅତିଥିମାନଙ୍କ ମଧ୍ୟରୁ କେତେକଙ୍କ ମନୋଭାବ ନିମ୍ନରେ ଦିଆଯାଉଅଛି ।

ଜର୍ଜିୟା ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳରେ ସାମିଲ ହୋଇଥିବା ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଶୁଣିବାପରେ କହୁଛନ୍ତି ଯେ, ମୁଁ ଏକଥାରେ ବିଶ୍ୱାସ ରଖିଛି କି, ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ବୁଦ୍ଧିମାନ ଓ ଦୂରଦୃଷ୍ଟିସମ୍ପର୍ଣ୍ଣ ବ୍ୟକ୍ତି ବିଶେଷ ଅଟନ୍ତି ଓ ଆପଣଙ୍କ ଦୁରଦୃଷ୍ଟତା ମୁତାବକ ଆପେଣ ପ୍ରସ୍ତୁତ କରୁଛନ୍ତି

ଜର୍ମାନିରୁ ଜଣେ ଇସାଇ ପାଦ୍ରୀ ଓ ଶିକ୍ଷକ Andreas Weisbrot ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି

ଖଲିଫାଙ୍କ ଭାଷଣ ମତେ ଆଶ୍ଚର୍ଯ୍ୟ ଚକିତ କରିଦେଇଛି ଆଣବିକ ଯୁଦ୍ଧର ବିପଦ ବିଷୟରେ ମୋର ଏତେ ଅନୁଭବ ନଥିଲା ମୋର ମଧ୍ୟ ଏହି ଭାବନା ଥିଲା ଯେ, ଆମେ କେବଳ ସେତେବେଳେ ଉନ୍ନତି କରିପାରିବା ଯେତେବେଳେ ଆମେ ସାମାଜିକ ଦାୟିତ୍ୱ ନିର୍ବାହ କରିବାପ୍ରତି ଏବଂ ଶାନ୍ତି ସ୍ଥାପନ କରିବାପ୍ରତି ଧ୍ୟାନ ଦେବା ଓ ମିଳିମିଶି ଶାନ୍ତିକୁ ତଲାସ୍ କରିବା । ମୋର ଏ ବିଶ୍ୱାସ ଯେ ଏହି ଉଦ୍ଦେଶ୍ୟକୁ ହାସଲ କରିବାପାଇଁ ଆମକୁ ଗୋଟିଏ ମଜ୍‌ଭୁତ୍ ସମାଜର ଆବଶ୍ୟକତା ରହିଛି ଯେଉଁଥିରେ ଆମେ ଭାଇଚାରା ଓ ବହୁ ବିଶ୍ୱାସ ପରିବେଶକୁ ସ୍ଥାପନ କରିପାରିବା ଏବଂ ସେଥିରେ ଧର୍ମ ଧର୍ମ ମଧ୍ୟରେ ବାର୍ତ୍ତାଳାପ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ।

ଜର୍ମାନିର ବାଡ଼ହମ୍‌ବର୍ଗ୍ ଇଲାକାର ଜଣେ ଅତିଥି ଆଖମ୍ ହୋଲର୍ ସାହେବ୍ ବର୍ଣ୍ଣନା କଲେ ଯେ, ମତେ ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଅଭିଭାଷଣ ବହୁତ ହିଁ ଭଲ ଲାଗିଲା । ହଜୁର ବହୁତ ସୁନ୍ଦର ଶୈଳୀରେ ପୃଥିବୀର ରାଜନୈତିକ ପରିସ୍ଥିତି ଉପରେ ଆଲୋକପାତ କରିଛନ୍ତି ଓ ନିଜ ଯମାତ୍‌ର ବହୁତ ଉତମ ପରିଚୟ ପ୍ରଦାନ କରିଛନ୍ତି ।

ଲେଟୁଭିଆ ଦେଶର ଜଣେ ଅତିଥି ଖୋଙ୍ଗଡ଼ି ଉସ୍‌ନୁହୁ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷା ଶୈଳୀ ଅତ୍ୟନ୍ତ ସୁନ୍ଦର ଏବଂ ବାସ୍ତବିକତା ଉପରେ ଆଧାରିତ ଥିଲା ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରା ଜ୍ୟୋତିପୂର୍ଣ୍ଣ ଦେଖାଯାଉଥିଲା । ଏହି ଜଲ୍‌ସାରେ ଆମକୁ ଏକତା, ପୂର୍ଣ୍ଣପ୍ରେମ ଓ ବହୁତ ସୁନ୍ଦର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଦେଖିବାକୁ ମିଳିଲା । ମତେ ଏକଥା ବହୁତ ପସନ୍ଦ ଲାଗିଲା ଯେ, ବିଭିନ୍ନ ଦେଶରୁ ବହୁ ସଂଖ୍ୟକ ଲୋକେ ଏହି ଜଲ୍‌ସାରେ ସାମିଲ ହୋଇଥିଲେ ।

କୁର୍‌ତୁଶି ସାହେବ୍ ଯାହାଙ୍କ ସମ୍ବନ୍ଧ ମକ୍‌ଦୁନିଆ ସହିତ ରହିଛି ସେ ବର୍ଣ୍ଣନା କରୁଛନ୍ତ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଅତ୍ୟନ୍ତ ପ୍ରଭାବଶାଳି ଥିଲା ଓ ତତ୍‌ସହିତ ପରିବେଶ ମଧ୍ୟ ଶାନ୍ତିପୂର୍ଣ୍ଣ ଥିଲା ଏପରି ଅନୁଭବ ହେଉଥିଲା ଯେପରି ଏହି ବ୍ୟକ୍ତି ଜଣକ ଅନ୍ୟ କୌଣସି ଏକ ଗ୍ରହର ଅଟନ୍ତି । ହଜୁର ଅନଓ୍ୱର ଅ:ବ:ଅ ଜଣେ ବାପା ସଦୃଶ ବ୍ୟକ୍ତିବିଶେଷ ଓ ନିଜ ସହିତ ଜଣେ ଏକ ଜ୍ୟୋତି ସହିତ ସାଥିରେ ନେଇ ବୁଲୁଛନ୍ତି ।

ସବ୍‌ରିନା ବୋଖଜ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି ମୋ ରାୟ ମୁତବାକ ଯମାତ୍ ଅହେମଦୀୟାର ଇମାମ୍ ଯେତେବେଳେ ପ୍ରଥମଥର ଷ୍ଟେଜ୍ ଉପରକୁ ଆସିଲେ ସେତେବେଳେ ହିଁ ମୁଁ ବହୁତ ପ୍ରଭାବିତ ହୋଇଯାଇଥିଲି । ହଜୁର ନିଜକୁ ସମସ୍ତଙ୍କର ନିକଟତର କଲେ ଯେଉଁଥିରୁ ଏକଥା ସ୍ୱଷ୍ଟ ହୋଇଗଲା ଯେ, ହଜୁର ହେଉଛନ୍ତି ଜଣେ ଖୁଲା ମିଜାଜ୍‌ର ବ୍ୟକ୍ତି ହଜୁରଙ୍କର ବକ୍ତବ୍ୟ ମୋ ରାୟ ଅନୁରୁପ ଥିଲା ତେଣୁ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲି ଯେ, ମତେ ଏଭଳି ଏକ ବ୍ୟକ୍ତିବିଶେଷଙ୍କୁ ଦେଖିବାକୁ ମିଳିଲା ।

ଡ଼ାକ୍ତର ମିକାଇଲ୍‌ସିକାଇ ବର୍ଣ୍ଣନା କରୁଛନ୍ତି ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ବହୁତ ମନମୁଗ୍ଧକାରୀ ଓ ତତ୍ତ୍ୱଜ୍ଞାନରେ ଭରପୁର ଥିଲା ହଜୁର ସମସାମୟିକ ପରିସ୍ଥିତି ଉପରେ ଆଲୋକପାତ କଲେ ଏଥିରୁ ଜଣାପଡୁଥିଲା ଯେ, ହଜୁର ମଧ୍ୟ ଦୁନିଆର ପରିସ୍ଥିତି ଉପରେ ଚିନ୍ତା ଓ ଅଧ୍ୟୟନ କରୁଛନ୍ତି ।

ଓସୋଭ୍ ଦେଶର ଗୋଟିଏ ସ୍କୁଲ୍‌ର ଡ଼ାଇରେକ୍ଟର ଲାଇବେନିଟ୍ ରୁଖ୍‌ସାଇ ବର୍ଣ୍ଣନା କରୁଛନ୍ତି ଯେ, ଖଲିଫତୁଲ୍ ମସିହ୍‌ଙ୍କ ଅସ୍ତିତ୍ୱ ମୋ ଦୃଷ୍ଟିରେ ଏକ ଆଶ୍ଚର୍ଯ୍ୟପୂର୍ଣ୍ଣ ଅସ୍ତିତ୍ୱ ଅଟେ ରାଜନୀତି ସମ୍ବନ୍ଧରେ ତାଙ୍କର ଜ୍ଞାନ ସେହିପରି ମନୁଷ୍ୟର ପ୍ରକୃତିଗତ ଜ୍ଞାନ ତାଙ୍କ ନିକଟରେ ଅସାଧାରଣ ରହିଛି । ପ୍ରତ୍ୟେକ ଅତିଥିମାନଙ୍କର ଏ କର୍ତବ୍ୟ ଥିଲା ଯେ, ସେମାନେ ହଜୁରଙ୍କ ଅଭିଭାଷଣକୁ ଧ୍ୟାନ ଦେଇ ଶୁଣନ୍ତୁ ।

ଉଜ୍‌ବେକିସ୍ତାନ ର ଜଣେ ଅତିଥି ବରଓ୍ୱଟ୍ ଖୁଦିଖେମୁଓ୍ୱର୍‌ଅଦୁ ବର୍ଣ୍ଣନା କରୁଛନ୍ତି ଯେ, ଖଲିଫତୁଲ୍ ମସିହିଲ୍‌ଙ୍କ ବକ୍ତବ୍ୟ ମତେ ବହୁତ ମନମୁଗ୍ଧକାରୀ ଲାଗିଲା ଓ ବହୁତ ପସନ୍ଦ ଆସିଲା ବିଶେଷ ରୂପେ ମାନବିକ ସହାନୁଭୁତି ବିଷୟରେ ଆପଣ ଯେଉଁକଥା ବର୍ଣ୍ଣନା କଲେ ତାହା ମତେ ବହୁତ ଭଲ ଲାଗିଲା ଏତଦ୍‌ବ୍ୟତିତ ଅନେକ ଦେଶର ପରିସ୍ଥିତି ବିଷୟରେ ଚର୍ଚ୍ଚା କଲେ ଯେଉଁ ଦେଶଗୁଡ଼ିକରେ ଆଜିର ଯୁଗରେ ମଧ୍ୟ ସଙ୍କଟ ଓ ସମସ୍ୟାମାନ ଲାଗି ରହିଛି କିନ୍ତୁ ଯେଉଁ କଥା ମତେ ସର୍ବପ୍ରଥମେ ପ୍ରଭାବିତ କରିଥିଲା ତାହା ଥିଲା ହଜୁରଙ୍କର ଆବାଜ୍ (ସ୍ୱର)

ସୁଇଜରଲ୍ୟାଣ୍ଡର ଜଣେ ଅତିଥି ଆଲିଓ୍ୱରା ଟେଂଡ଼ର ବର୍ଣ୍ଣନା କରୁଛନ୍ତି ଯେ, ଏଠାରେ ଦିଆଯାଇଥିବା ସମସ୍ତ ଭାଷଣଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର ଓ ମନମୁଗ୍ଧକାରୀ ଥିଲା । ମନ ଚାହୁଁଥିଲା ଯେ, ଏହିଭଳି ଭାଷଣ ବାରମ୍ବାର ଶୁଣାଯାଉ । ମୁଁ ତୃତୀୟ ଥର ପାଇଁ ଏଥିରେ ସାମିଲ ହୋଇଛି ପୁଣି ଥରେ ମୁଁ ଏଠାରେ ଆଶ୍ଚର୍ଯ୍ୟ ହୋଇଗଲି ।

ଆଉ ଜଣେ ଅତିଥି ଏଡ଼ିରୈନ୍ ଗାଶି ବର୍ଣ୍ଣନା କରୁଛନ୍ତି ମୁଁ ଯୁଗ ଖଲିଫାଙ୍କୁ ମୋ ଜିବନରେ ପ୍ରଥମଥର ଦେଖିବାକୁ ପାଇଲି । ହଜୁର ବହୁତ ବୁଦ୍ଧିମାନ ଓ ବିବେକପୂର୍ଣ୍ଣ ବ୍ୟକ୍ତିବିଶେଷ ଅଟନ୍ତି । ହୁଜରଙ୍କର ଉଠିବାର ବସିବାର ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଅନୁଭବ ହେଉଅଛି ସେହିଭଳି ହଜୁର ଆସନ୍ତା ସମୟ ସମ୍ବନ୍ଧରେ ବହୁତ ଚିନ୍ତା କରୁଛନ୍ତି ।

ଜର୍ମାନିରୁ ଆସିଥିବା ଜିନି ଲୋର୍‌ବେର୍ ସାହିବା କହୁଛନ୍ତି ଖଲିଫା ନିଜ ହୃଦୟରୁ ସମସ୍ତଙ୍କୁ ସମ୍ବୋଧନ କଲେ ଏ ପର୍ଯ୍ୟନ୍ତ ମୋର ରୁମ ଟାଙ୍କୁରି ଉଠିଛି ମୁଁ ଏହି ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ।

ଫ୍ରାଙ୍କର୍ଫଟ ଗୋଟିଏ ଲ ଫୋରମ୍ ର ସିନିୟର ପାର୍ଟନର ଏବଂ ପେଶାରେ ଜଣେ ଓକିଲ ମି. ଅଲିଭର୍ ହାନ୍ସ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଧର୍ମା ଓ ଧିର ଭାବେ ଇମାମ ଯମାତ୍ ଅହେମଦୀୟାଙ୍କ ଦ୍ୱାରା କରାଯାଇଥିବା ଅଭିଭାଷଣ ମୋ ପାଇଁ ବହୁତ ଉତ୍ସାହ ଓ ଆବେଗ ଭରା ପ୍ରଭାବ ରଖିଥିଲା । ବର୍ତମାନ ପୃଥିବୀରେ ଶାନ୍ତି ଓ ନିତି ଦିନିଆ ପରିସ୍ଥିତିରେ ଆସନ୍ତା ବିପଦ ଓ ଯୁଦ୍ଧ ପରିସ୍ଥିତିକୁ ଆକଳନ କରିନେବା ଜଣେ ସାଧାରଣ ବ୍ୟକ୍ତିଙ୍କ ବୁଦ୍ଧିର ଉର୍ଦ୍ଧରେ । ଇମାମ୍ ଯମାତ୍ ଅହେମଦୀୟା ନା କେବଳ ଭବିଷ୍ୟତର ବିପଦପୂର୍ଣ୍ଣ ପରିସ୍ଥିତିକୁ ବାସ୍ତବିକ ଅନୁଭବ କରିଛନ୍ତି ବରଂ ତା ସହିତ ପୃଥିବୀ ବାସୀଙ୍କୁ ସଚେତନ ମଧ୍ୟ କରାଉଛନ୍ତି । ସେହିଭଳି ସେ ଇମିଗ୍ରେସନକୁ ଯେଉଁଭଳି ସରକାରଙ୍କ ସାମାଜିକ ଓ ଆର୍ଥିକ ହିତ ସହିତ ଯୋଡ଼ି ଦେଖାଇଲେ ସେହି କଥା ବାସ୍ତବିକ ଉପରେ ଆଧାରିତ ଥିଲା । ସେ ପୁଣି କହୁଛନ୍ତି ଯେ, ଜଣେ ଓକିଲ ହିସାବରେ ଏହି ପାର୍ଶ୍ୱକୁ ମୁଁ ମୋ ସାଥିମାନଙ୍କ ନିକଟରେ ବର୍ଣ୍ଣନା କରିବି ଓ ଦୁଇପାକ୍ଷିକ ଆବଶ୍ୟକତାକୁ ସର୍ବସାଧାରଣ କରିବାକୁ ଚାହିଁବି କାରଣ ସାଧାରଣତଃ ଏଠିକାର ଲୋକମାନେ କେବଳ ସରଣାର୍ଥୀମାନଙ୍କ ଆଗମନକୁ ହିଁ ନକରାତ୍ମାକ ଭାବେ ଚର୍ଚ୍ଚା କରୁଛନ୍ତି କିନ୍ତୁ ତା ସହିତ ଯୋଡ଼ି ହୋଇ ରହିଥିବା ଦେଶ ଓ ଜାତିର ସ୍ଥାନିୟ ହିତକୁ ଉପେକ୍ଷା କରିଯାଉଛନ୍ତି ।

Lufthansa Airline ର ଆଇଟି ଡ଼ିପାର୍ଟମେଂଟର ଏକ୍ସପର୍ଟ ମିସ୍ ଓ୍ୱେରିନା ଲଡୁଗ୍ ସାହିବା ନିଜର ମନୋଭାବକୁ ଏପରି ବ୍ୟକ୍ତି କରିଛନ୍ତି ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବକ୍ତବ୍ୟକୁ ଶୁଣିବା ସମୟରେ ମୁଁ ଅନବରତ ଏକଥା ଭାବୁଥିଲି ଯେ, ତାଙ୍କର ବ୍ୟକ୍ତିତ୍ୱ ଓ କଥା ହେବାର ଶୈଳୀ ଅନ୍ୟ ସମସ୍ତ ଧାର୍ମିକ ନେତାମାନଙ୍କଠାରୁ ଭିନ୍ନ । ଏହା ଠିକ୍ କଥା ଯେ, ଲୋକମାନେ ସାଧାରଣତଃ ଏ ପୃଥିବୀକୁ ଆସୁଥିବା ବିପଦରୁ ବଂଚିବାପାଇଁ କଥା ହେଉଛନ୍ତି ଏବଂ ବିଶ୍ୱଶାନ୍ତି ସ୍ଥାପନ ବିଷୟରେ କଥା ହେବା ନେତାମାନଙ୍କ ପାଇଁ ଏକ ପ୍ରକାରର ''ହଟ୍ କେକ୍'' ସଦୃଶ କିନ୍ତୁ ଇମାମ୍ ଯମାତ୍ ଅହେମଦୀୟାଙ୍କ କଥାରେ ଯେଉଁ ଶକ୍ତି ଓ ପ୍ରଭାବ ଦେଖିବାକୁ ମିଳିଲା ତାହା ମୁଁ ଅନ୍ୟ କେଉଁଠାରେ ଦେଖିନାହିଁ । ତାଙ୍କ ଚେହେରା ତାଙ୍କ କଥାର ସତ୍ୟତାର ପ୍ରମାଣ ଥିଲା ଓ ଦ୍ୱିତୀୟ କଥା ହେଉଛି ଏହା କି, ତାଙ୍କ ପରି ଜଣେ କାର୍ଯ୍ୟବ୍ୟସ୍ତତାରେ ଲିପ୍ତ ରହିଥିବା ବ୍ୟକ୍ତି ଏତେ ରିସର୍ଚ୍ଚ ଓ୍ୱାର୍କ କିପରି କରିପାରେ ଯେ ପର୍ଯ୍ୟନ୍ତ ତାଙ୍କ ହୃଦୟରେ ମାନବତା ପାଇଁ ଗଭୀର ଦରଜ ନଥିବ । ସେ ସାରା ଦୁନିଆରୁ ତତ୍ତ୍ୱ ଏକାଠି କଲେ ଓ ଏହାର ନିଷ୍କର୍ଷ ଉପସ୍ଥାପନ କଲେ ଓ କେବଳ ଧାର୍ମିକ ଦୃଷ୍ଟିକୋଣରୁ ହିଁ ନୁହେଁ ବରଂ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ପୃଥିବୀ ନେତୃତ୍ୱ ଉପରେ ସ୍ୱଷ୍ଟ କରିଦେଲେ ଯେ, ସ୍ଥାୟୀ ବିଶ୍ୱଶାନ୍ତି ଈଶ୍ୱର ଭୟ ସହିତ ଜଡ଼ିତ ଏବଂ ଯଦି ନିଜସ୍ୱ ହିତଠାରୁ ଉର୍ଦ୍ଧରେ ରହି ପଦକ୍ଷେପ ନ ଉଠାଇବା ଯାଏଁ ତେବେ ପରମାଣୁ ଯୁଦ୍ଧର ଭୟାଭୟ ଧ୍ୱଂସଲିଳାର କାରଣ ଆମେ ହେବା । ମୋ ନିକଟରେ ଏତେ ସ୍ୱଷ୍ଟଭାବେ ଏ ବାର୍ତା ଦିଆଯାଇଛି ଯେ, ଯଦି ବିଦ୍ୱେଷଭାବ ପ୍ରତିବନ୍ଧକ ନ ହୁଏ ତେବେ ମନୁଷ୍ୟର ଲୋମ ଟାଙ୍କୁରି ଦେବାପାଇଁ ଏହି ସତର୍କତା ଯଥେଷ୍ଟ ଥିଲା । ମୁଁ ଏହା ଚାହୁଁଛି ଯେ, ଏ ବାର୍ତା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ସାଧାରଣ ଲୋକଙ୍କଠାରୁ ନେଇ ସରକାରଙ୍କ ପର୍ଯ୍ୟନ୍ତ ଏବଂ କର୍ପୋରେଟ୍ ସେକ୍ଟରର ମୁଖିଆଙ୍କ ପର୍ଯ୍ୟନ୍ତ ଏ ବାର୍ତା ପହଂଚିବା ଉଚିତ କାରଣ ମାନବଜାତିର ବ୍ୟାପକ ଉନ୍ନତି ସାଧନ ନିମନ୍ତେ ଏହାକୁ ବିଶ୍ୱସ୍ତରରେ ପହଂଚାଇବା ଅତ୍ୟନ୍ତ ଜରୁରୀ ଅଟେ ।

Mr. Gunter Hieter ଯିଏ ଜର୍ମାନିର ମ୍ୟୁନିଖ ସହରରୁ ଆସିଥିଲେ ଓ ପେସା ଦୃଷ୍ଟିରୁ ମାଉଂଟେନ୍ ଗାଇଡ୍ ଅଟନ୍ତି, ସେ କହିଲେ ଯେ, ସମାଜର ସ୍ଥାୟୀ ଶାନ୍ତି ସ୍ଥାପନ ନିମନ୍ତେ ଓ ମାନବ ସଭ୍ୟତାକୁ ଆସନ୍ତାରେ ସମ୍ମୁଖିନ ହେବାକୁ ଥିବା ବିପଦପାଇଁ ଇମାମ୍ ଯମାତ୍ ଅହେମଦୀୟାଙ୍କ ଭାଷଣରେ ପୂର୍ଣ୍ଣ ସତର୍କତା ଦେଖିବାକୁ ମିଳିଥିଲା । ଏବେ ଏହା ସିଭିଲ୍ ସୋସାଇଟ ଓ ସରକାରଙ୍କ କାର୍ଯ୍ୟ ଅଟେ ଯେ, ଏଥିରୁ ଲାଭ ଉଠାନ୍ତୁ ଓ ନିଜ ନିଜର ପରିସୀମା ଭିତରେ ଏପରି ପଦକ୍ଷେପ ଉଠାନ୍ତୁ ଯଦ୍ୱାରା ମୋଟାମୋଟି ଭାବେ ମାନବ ସମାଜ ଏହି ସବୁ ସଙ୍କଟ ଓ ବିଭ୍ରାଟରୁ ବଂଚିପାରିବ । ଏହା ଠିକ୍ କଥା ଯେ, ଇମାମ୍ ଯମାତ୍ ଅହେମଦୀୟାଙ୍କ ବୁଦ୍ଧିମତା ଯେଉଁ ସବୁ ପରିସ୍ଥିତିକୁ ସମୟ ପୂର୍ବରୁ ଦେଖିସାରିଛି ତାହାର ସମର୍ଥନରେ ସେ ବିଭିନ୍ନ ବୁଦ୍ଧିଜୀବିଙ୍କ କଥାକୁ ମଧ୍ୟ ଉପସ୍ଥାପନ କରିଛନ୍ତି କିନ୍ତୁ ଖୋଲାଖୋଲିଭାବେ ଏ ପୃଥିବୀ ବାସିଙ୍କୁ ସମ୍ବୋଧନ କରି ସଚେତନ କରିବାର କାର୍ଯ୍ୟ କେବଳ ସେ ନିଜେ ହିଁ କରୁଛନ୍ତି ।

ଜର୍ମାନିର ୱିଜ୍‌ବାଡ଼ନ୍ ସହରରୁ ପ୍ରଥମଥର ଆସି ସାମିଲ ହୋଇଥିବା ଗୋଟିଏ କପଲ୍ ମି. କାଲାଉଜେ ଏବଂ ମିସେସ୍ ହାଇଡେ ଜର୍ମାନି ଅତିଥିମାନଙ୍କୁ ହଜୁର ଅନୱରଙ୍କର ଅଭିଭାଷଣ ଦିଆଯିବା ପରେ, ସେମାନେ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ଏଠାକୁ ଆସିବା ପୂର୍ବରୁ ଆମେ ବହୁତ ଭୟଭୀତ ହୋଇଯାଇଥିଲୁ । ଯଦିଚ ଅନେକ ବର୍ଷରୁ ଯମାତ୍‌ର ପରିଚୟ ଆମକୁ ମିଳିଥିଲା କିନ୍ତୁ ଜଲ୍‌ସାରେ ଯୋଗ ଦେବା ବେଳେ ଆମକୁ ଭୟ ଲାଗୁଥିଲା ଓ ତାହା ଏଥିପାଇଁ ଥିଲା ଯେ, ଆମେ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ସମ୍ବନ୍ଧରେ ମିଡ଼ିଆ ବାଲାଙ୍କଠାରୁ ବହୁତ କିଛି ଶୁଣି ରଖିଥିଲୁ । ତେଣୁ ଏଠାକୁ ଆସିବା ବେଳେ ଆମେ ଆଜି ମଧ୍ୟ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲୁ ଯେ, ଜଣାନାହିଁ କିପ୍ରକାରର ଭିଡ଼ ହେବ କିନ୍ତୁ ଏଠାକୁ ଆସିବାପରେ ଆମେ ଦୁଇଜଣ ସ୍ୱାମୀ ସ୍ତ୍ରୀ ବହୁତ ଶାନ୍ତି ଅନୁଭବ କରୁଛୁ ଓ ଏହି ପରିବେଶରେ ଏତେମାତ୍ରାରେ ଆପଣାପଣ ଭରି ରହିଛି ଯେ, ଆମେ ଯେପରି ଆମ ପରିବେଶ ଭିତରେ ଚଳବିଚଳ କରୁଅଛୁ । ଓ ଯେଉଁଠି ଇମାମ୍ ଯମାତ୍ ଅହେମଦୀୟାଙ୍କ ଭାଷଣ କଥା ଉଠୁଛି ସେ ସମ୍ବନ୍ଧରେ ମୁଁ କହିବାକୁ ଚାହୁଁଛି ଯେ, ମୁଁ ନିଜେ ହିଁ ଯୁଦ୍ଧ ଚାଲିଥିବା ସମୟରେ ହିଁ ଜନ୍ମ ହୋଇଥିଲି ଓ ମୁଁ ଯୁଦ୍ଧର ଭୟାଭୟତାକୁ ନିଜ ଆଖିରେ ହିଁ ଏଠାରେ ଦେଖିଛି । ଇମାମ୍ ଯମାତ୍ ଅହେମଦୀୟା ଯେଉଁ ଭୟାଭୟତା ଓ ଯେଉଁ ଧ୍ୱଂସ ଲୀଳାର ଦୃଶ୍ୟ ସମ୍ବନ୍ଧରେ ଆମକୁ ସଚେତନ କରାଉଛନ୍ତି ଓ ଯେଉଁଭଳି ସହାନୁଭୁତିଶୀଳ ହୋଇ ସନ୍ତର୍ପଣତାର ସହିତ ମାନବଜାତିକୁ ସତର୍କ କରାଉଛନ୍ତି ତାହାର ପ୍ରଭାବ ମୋ ଭଳି ଜଣେ ବିଶ୍ୱଯୁଦ୍ଧକୁ ଦେଖିଥିବା ବ୍ୟକ୍ତିଙ୍କ ଉପରେ ଅଲଗା ପ୍ରକାରର ପଡ଼ିଛି ତେଣୁ ଆମେ ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣର ଗୋଟିଏ ଗୋଟିଏ ଶବ୍ଦ ସହିତ ସହମତ ଓ ଆମେ ଏକଥା ଚାହୁଁଛୁ ଯେ, ବର୍ତମାନର ପିଢ଼ି ଏହାକୁ ସମୟ ପୂର୍ବରୁ ବୁଝିନିଅନ୍ତୁ ଓ ଅନୁଭବ କରନ୍ତୁ ।

ଏହି ମହିଳାଙ୍କର ସ୍ୱାମୀ ମି. କ୍ଲାଉସ୍ କହିଲେ ଯେ, ମୁଁ ଗୋଟିଏ କଥା ଖଲିଫା ସାହେବଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ କହିବାକୁ ଚାହୁଁଛି ଯାହାକୁ ମୋ ସ୍ତ୍ରୀ ନୋଟ୍ କରିପାରିନାହାନ୍ତି ତାହା ହେଉଛି ଏହା କି ଇମାମ୍ ଯମାତ୍ ଅହେମଦୀୟା ପୃଥିବୀର ମୋଟାମୋଟି ବିପଦର ସବିଶେଷ ବିବରଣୀ ଉପସ୍ଥାପନ କଲେ କିନ୍ତୁ ଜଣେ ଧାର୍ମିକ ନେତା ହିସାବରେ ନିଜକୁ ସେଥିରୁ ଅଲଗା ରଖିଲେ ବିପଦ ବିଷୟରେ ଆଙ୍ଗୁଳି ନିର୍ଦ୍ଦେଶ ଜରୁରି କଲେ । ବରଂ ଏଥିରେ ନା ତ କାହାର ନାମ ନେଲେ ଓ ନା କହିବା ସମୟରେ ତାଙ୍କ କଥାର ଶୈଳୀରୁ କୌଣସି ବିଶେଷ ଗୋଷ୍ଠୀଙ୍କ ପ୍ରତି ଆକୃଷ୍ଟ ଥିବାର କୌଣସି ପ୍ରମାଣ ମିଳିଲା । ତାଙ୍କ ଉପଦେଶର ଶୈଳୀ ସହାନୁଭୁତି ପୂର୍ଣ୍ଣ ସତର୍କତା ଉପରେ ପରିବେଷ୍ଟିତ ଥିଲା ନା କି ନିଜସ୍ୱ ପସନ୍ଦ ବା ଅପସନ୍ଦର ଜଣେ ଧାର୍ମିକ ନେତାଙ୍କର ଏହିଭଳି ପଦମର୍ଯ୍ୟାଦା ରହିବା ଉଚିତ ଯେ, ସେ ଉପଦେଶ ଦିଅନ୍ତୁ ଓ ଧ୍ୟାନ ଆକର୍ଷଣ କରନ୍ତୁ କିନ୍ତୁ ନିଜସ୍ୱ ରୂପେ କେଉଁଆଡ଼କୁ ଢ଼ଳି ନ ଯାଆନ୍ତୁ । ଏହି ଦୃଷ୍ଟିକୋଣରୁ ମୁଁ ଖଲିଫାଙ୍କ ବକ୍ତବ୍ୟରେ ବର୍ଣ୍ଣନା ହୋଇଥିବା ରାଜନୈତିକ ଓ ସାମାଜିକ ତତ୍ୱଜ୍ଞାନ ଓ ତାହାର ପ୍ରଭାବରେ ପ୍ରଭାବିତ ହେଉଅଛି ।

କାସିଲ୍ ସହରରୁ ଆସି ସାମିଲ ହୋଇଥିବା ଜଣେ ଇଞ୍ଜିନିୟର୍ ମି. ଜାନ୍ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ଇମାମ୍ ଯମାତ୍ ଅହେମଦୀୟାଙ୍କ ବକ୍ତବ୍ୟରୁ ସାଧାରଣ ଲୋକଙ୍କୁ ବହୁତ ଲାଭ ପହଂଚିଥାଏ କାରଣ ଯେଉଁକଥା ସରକାର ଓ ନେତାମାନଙ୍କ ମଜ୍‌ଲିସ୍‌ରେ ଓ ସେମାନଙ୍କ ଭାଷର ମଧ୍ୟରେ ସୀମିତ ରହିଥାଏ, ସେ ସେହି ସମସ୍ତ ବିଷୟବସ୍ତୁଗୁଡ଼ିକୁ ସହଜ ଏବଂ ପ୍ରଭାବଶାଳୀ ଢ଼ାଂଚାରେ ସାଧାରଣ ଲୋକଙ୍କ ନିକଟରେ ମଧ୍ୟ ପହଂଚାଇ ଦେଇଛନ୍ତି ଏବଂ ସେ ଧର୍ମ, ରାଜନୀତି, ଅର୍ଥନୀତି ଏବଂ ପଲିସି ପ୍ଲାନିଙ୍ଗ ଭଳି ବିଷୟବସ୍ତୁ ଉପରେ ଏପରି ଆଲୋକପାତ କରିଛନ୍ତି ଯେ, ପ୍ରତ୍ୟେକ ଗୋଷ୍ଠୀର ଲୋକେ ଏକଥାକୁ ବୁଝିପାରିବେ ଓ ନିଜ ନିଜର ପରିଧି ଭିତରେ ରହି ଉକ୍ତ ବିପଦ ଓ ଧ୍ୱଂସଲୀଳା ସମ୍ବନ୍ଧରେ ସଠିକ୍ ସଚେତନତା ଦେଇପାରିବେ ।

ଜର୍ମାନିର ସହର କାସିଲ୍‌ରୁ ଜଣେ ମେଡ଼ିକାଲ୍ ସହାୟକ ମିସ୍ ଜୋଜ୍‌ଫିନା ନିଜର ମନୋଭାବ ବ୍ୟକ୍ତ କରି କହିଲେ ଯେ, ଇମାମ୍ ଯମାତ୍ ଅହେମଦୀୟା ନିଜ ଭାଷଣରେ ସେହି ସମସ୍ତ ବିଷୟବସ୍ତୁଗୁଡ଼ିକୁ ବର୍ଣ୍ଣନା କରିଛନ୍ତି ଯାହା ପ୍ରତି ବର୍ତମାନ ଧ୍ୟାନ ଆକର୍ଷଣ କରିବାକୁ ଏ ପୃଥିବୀବାସୀଙ୍କର ଆବଶ୍ୟକତା ଅଛି । ଯେଉଁଭଳି ସେ ୟୁରୋପରେ ଜର୍ମାନିକୁ ନିଜର ଭୂମିକା ନିର୍ବାହ କରିବାପାଇଁ ଉପଦେଶ ଦେଇଛନ୍ତି ଏବଂ ପୁଣି ବ୍ୟାପକ ଭାବେ ୟୁରୋପକୁ ଉପଦେଶ ଦେଇଛନ୍ତି ଯେ, ସେ ପୃଥିବୀରେ ନିଜର କର୍ତବ୍ୟକୁ ନିର୍ବାହ କରୁ ଏବଂ ସ୍ଥାୟୀ ଶାନ୍ତିସ୍ଥାପନ ନିମନ୍ତେ ନିଜର ସ୍ଥାନୀୟ ହିତର ଉର୍ଦ୍ଧ୍ୱରେ ରହି ଆସନ୍ତା ପିଢ଼ୀକୁ ପରମାଣୁ ଯୁଦ୍ଧରୁ ବଂଚାଇବା ପାଇଁ ଭରପୁର ପ୍ରୟାସ କରୁ । ମତେ ଏକଥା ବିଲ୍‌କୁଲ୍ ଉପଯୋଗି ମନେ ହେଉଛି ଓ ଏହାକୁ ଉପେକ୍ଷା କରିଦେବା ଦୁନିଆର ସାମାଜିକ, ଅର୍ଥନୈତିକ ଏବଂ ଆନ୍ତର୍ଜାତିକ ଆର୍ଥିକ ହିତର ବିରୋଧ ହେବ ବା ଖିଲାଫ୍ ହେବ ।

ମିଷ୍ଟର ନୌବଟ୍ ୱାଗ୍‌ନର ଯିଏ ହେଉଛନ୍ତି ଜଣେ ଇମିଗ୍ରେସନ ଲୟର ସେ ହଜୁରଙ୍କ ଅଭିଭାଷଣ ଶୁଣିବାପାଇଁ ଫ୍ରାଙ୍କଫ୍ରଟ୍‌ରୁ ଆସିଥିଲେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ମୁଁ ଏହି ଜଲ୍‌ସାରେ ଯଦିଚ ପ୍ରଥମଥର ପାଇଁ ଯୋଗ ଦେଉନାହିଁ ଏବଂ ଅହେମଦୀମାନଙ୍କର କେସ୍ ଗୁଡ଼ିକ ମୁଁ ଜଣେ ଓକିଲ ହିସାବରେ ଡ଼ିଲ୍ କରିବା ଯୋଗୁଁ ମୁଁ ଅଧିକାଂଶ କଥା ଜାଣିଛି କିନ୍ତୁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଆଜିକାର ଏହି ଅଭିଭାଷଣ ମୋ ପାଇଁ ସମ୍ପୂର୍ଣ୍ଣ ରୂପେ ନୂଆ ଦିଗ ଓ ନୂଆ ଟିପ୍ପଣୀ ନେଇ ଆସିଥିଲା ଯଦିଚ ମୁଁ ନିଜର ମନୋଭାବ ଏଠାରେ ବ୍ୟକ୍ତ କରୁଅଛି କିନ୍ତୁ ଏହି ମନୋଭାବ ଏକପ୍ରକାରର ତତ୍କ୍ଷଣାତ୍ ପ୍ରତିକ୍ରିୟା ଯାହାକୁ ମୁଁ କହୁଅଛି ଯେବେ କି ଏହି ଭାଷଣରେ ମୋ ପାଇଁ ମୋ ପେସାର ଆବଶ୍ୟକତା ଦୃଷ୍ଟିକୋଣରୁ ବହୁତ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଂଏଟ ରହିଛି ଯାହାକୁ ମୁଁ ଘରେ ଯାଇ ପୂନର୍ବାର ଅନୁଧ୍ୟାନ କରିବି । ମୁହାଜିର୍ ଓ ଦେଶ ଛାଡ଼ି ପଳାୟନ କରି ଆସିଥିବା ଲୋକମାନଙ୍କର ସମସ୍ୟାଗୁଡ଼ିକ ଉପରେ ଆଜି ଇମାମ୍ ଯମାତ୍ ଅହେମଦୀୟା ଯେଉଁ ଟିପ୍ପଣୀ ଦେଇଛନ୍ତି ଏହା ଦ୍ୱାରା ଆତିଥ୍ୟତା କରୁଥିବା ଦେଶଗୁଡ଼ିକ ଓ ମୁହାଜିର୍‌ମାନଙ୍କ ମଧ୍ୟରେ ରହିଥିବା ଆପୋଷି ମାମଲାରେ ଏକପ୍ରକାର ବାଲାନ୍ସ ଓ ସମ୍ମାନ ସୃଷ୍ଟି ହେବ । ଏବଂ ଯେଉଁଭଳି ସେ ଜନଗଣନା ଦୃଷ୍ଟିକୋଣରୁ ବୃଦ୍ଧ ଓ ଅବସରପ୍ରାପ୍ତ ବୟସ ପ୍ରସଙ୍ଗରେ ଜର୍ମାନିର ଲୋକଶକ୍ତିର ଆବଶ୍ୟକତାକୁ ଉଜାଗର କଲେ ଏଥିରେ ଶରଣାର୍ଥୀମାନଙ୍କର ଆତ୍ମସମ୍ମାନକୁ ମଧ୍ୟ ସାହାରା ମିଳିବ ଏବଂ ଆତିଥ୍ୟତା କରୁଥିବା କାର୍ଯ୍ୟାଳୟଗୁଡ଼ିକର ମଧ୍ୟ ଏହି ମୁହାଜିର୍ ଏବଂ ଶରଣାର୍ଥୀମାନଙ୍କର ଇଜ୍ଜତ ଓ ମାନସମ୍ମାନ ବଢ଼ିବ । କିନ୍ତୁ ମୁଁ ପୁଣିଥରେ ଏକଥା କହିବାକୁ ଚାହୁଁଛି ଯେ, ଏବେ ମୋ ପାଇଁ ଏବଂ ଇମିଗ୍ରେସନ ଲ ପ୍ରାକ୍ଟିସ୍ କରୁଥିବା ମୋ ସାଥିମାନଙ୍କ ପାଇଁ ଏହି ଭାଷଣରେ ବହୁତ ଗୁଡ଼ିଏ କଥା ରହିଛି ଯାହା ଆମ କାମ ରେ ଆସିପାରେ ।

ସୁଇଜରଲ୍ୟାଣ୍ଡରୁ ଆସିଥିବା ଲୈଲା ସାହିବା ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଗୋଟିଏ ସଂଘଠନ ପାଇଁ କାମ କରୁଛି ଓ ଆମେ ଶାନ୍ତିକୁ ବଢ଼ାଇବା ପାଇଁ କାର୍ଯ୍ୟ କରୁଅଛୁ । ଆଜି ଯେତେବେଳେ ମୁଁ ଖଲିଫାଙ୍କର ଭାଷଣ ଶୁଣିଲି ମତେ ତାଙ୍କ ଭାଷଣର ଗୋଟିଏ ଗୋଟିଏ ଶବ୍ଦରେ ଶାନ୍ତି ହିଁ ଶାନ୍ତି ଦୃଷ୍ଟିଗୋଚର ହେଉଥିଲା । ମତେ ପ୍ରତ୍ୟେକ ଶବ୍ଦରେ ସହିଷ୍ଣୁତା ଏବଂ ମାନବିକତାର ସମନ ଦେଖିବାକୁ ମିଳିଲା । ଯଦି ଆପଣ ଶାନ୍ତି, ଧୈର୍ଯ୍ୟ ଏବଂ ମାନବତାକୁ ଏକାଠି କରିଦେବେ ତେବେ ପୁଣି ଆପଣ ଗୋଟିଏ ସୁନ୍ଦର ସମାଜ ଗଠନ କରିପାରିବେ । ଖଲିଫା ବହୁତ ପୂଣ୍ୟ ସ୍ୱଭାବର ବ୍ୟକ୍ତି ଅଟନ୍ତି ଯଦି କିଏ ଅହେମଦୀ ନ ହୁଏ ତେବେ ମଧ୍ୟ ଏହା ଲାଗୁଛି ଯେ, ଆପଣ ଖୁଦାଙ୍କ ତରଫରୁ ଆସିଛନ୍ତି । ଯାହା କିଛି ବି ଆପଣ କହୁଛନ୍ତି ତାହା ଆମ ହିତ ପାଇଁ ଏବଂ ଆପଣ ବହୁତ ସାହାସର ସହିତ ସତ୍ୟତାକୁ ବର୍ଣ୍ଣନା କରିଛନ୍ତି । ସବୁଠାରୁ ଅଧିକା ପ୍ରଭାବଶାଳୀ କଥା ଏହା ଥିଲା ଯେ, ଆପଣ ସବୁ ସମସ୍ୟାଗୁଡ଼ିକ ବର୍ଣ୍ଣନା କରିବା ପରେ

**ହଦିସ୍ ନବୱି ସ:ଆ:ସ**

‘‘ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ’’

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।’’

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମର ସମସ୍ତ ୱହ୍‌ଦାଦାର୍ ଯେକୌଣସି ସ୍ତରର ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।’’

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଧର୍ମରୁ ହିଁ ଏହାର ସମାଧାନର ମାର୍ଗ ଉପସ୍ଥାପନ କଲେ ଓ ଏକଥା ବତାଇଲେ ଯେ, ଏହି ସମସ୍ତ ସମସ୍ୟାର ସମାଧାନ ଈଶ୍ୱରଙ୍କୁ ଚିହ୍ନିବା ଦ୍ୱାରା ହିଁ ହୋଇପାରିବ । ଆପଣ ଏହା ପ୍ରମାଣ କରିଦେଲେ ଯେ, ଧର୍ମ କୌଣସି ସମସ୍ୟା ନୁହେଁ ବରଂ ସମସ୍ୟାର ସମାଧାନ ଏଥିରେ ମୁଁ ବହୁତ ପ୍ରଭାବିତ ହୋଇଛି ଓ ଏ ଅବସରକୁ ମୁଁ କେବେ ବି ଭୁଲିପାରିବି ନାହିଁ ।

ସୁଇଜରଲ୍ୟାଣ୍ଡରୁ ଆସିଥିବା ପ୍ରଫେସର ହାଶିମ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଯେତେବେଳେ ଅନ୍ୟ ଲୋକମାନେ ନିଜର ଇପସିତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଝଗଡ଼ା କରୁଛନ୍ତି ସେତେବେଳେ ଖଲିଫା ଲୋକମାନଙ୍କୁ ମାନବିକତା ଆଡ଼କୁ ଡ଼ାକୁଛନ୍ତି ଓ ଶାନ୍ତି ସ୍ଥାପନ କରିବାପାଇଁ ଜିହାଦ୍ କରୁଛନ୍ତି । ଖଲିଫାଙ୍କର ଶୈଳୀ ହେଉଛି ପ୍ରେମର ଶୈଳୀ ଆଜି ତାଙ୍କର ଭାଷଣର ସାରାଂଶ ସମ୍ପୁର୍ଣ୍ଣରୂପେ ମାନବଜାତି ସହିତ ପ୍ରେମ କରିବା ଉପରେ ଆଧାରିତ ଥିଲା ସେ ଏକଥା ବତାଇଲେ ଯେ, ଈଶ୍ୱର ଚାହୁଁଛନ୍ତି କି, ଆମେ ସମସ୍ତେ ଶାନ୍ତିରେ ରହିବା ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଅର୍ଥାତ ଖୁଦାତାଲା ଆମକୁ ଆପୋଷରେ ଲଢ଼ିବାପାଇଁ ପଠାଇନାହାନ୍ତି ବରଂ ଖୁଦାତାଲା ତ ଆମକୁ ଜଣେ ଅନ୍ୟ ଜଣକର ସମ୍ମାନ କରିବାପାଇଁ ପଠାଇଛନ୍ତି । ଖଲିଫା ଏହା ମଧ୍ୟ ବତାଇଦେଲେ ଯେ, ଇସ୍‌ଲାମ୍ ପାଶ୍ଚାତ୍ୟ ସଂସ୍କୃତି ପାଇଁ ବିପଦ ପୂର୍ଣ୍ଣ ନୁହେଁ ବରଂ ବାସ୍ତବିକତା ହେଉଛି ଏହା କି, ମୁସଲମାନ ପ୍ରକୃତ ଇସ୍‌ଲାମ୍‌କୁ ଅନୁସରଣ କରି ମଧ୍ୟ ପାଶ୍ଚାତ୍ୟ ସମାଜରେ ଇଂଟିଗ୍ରେଟ୍ କରିପାରିବେ । ଆପଣ ଏହା ନିଜେ ନିଜର ଉଦାହରଣ ସ୍ଥାପନ କରି ପ୍ରମାଣ କରୁଅଛନ୍ତି କାରଣ ଆପଣଙ୍କ ଯମାତ୍ ବହୁତ ସୁନ୍ଦର ଭାବେ ଏଠାରେ ଇଂଟିଗ୍ରେସନ କରୁଅଛି ଶେଷରେ ମୁଁ ଏତିକି କହିବାକୁ ଚାହୁଁଛି ଯେ, ମୁଁ ହୃଦୟ ଭିତରୁ ଖଲିଫାଙ୍କୁ ପ୍ରେମ କରୁଅଛି ମତେ ଆପଣଙ୍କ ସହିତ ଓ ଆପଣଙ୍କ ଯମାତ୍ ସହିତ ପ୍ରେମ କରିବାପାଇଁ ଅହେମଦୀ ହେବାର କୌଣସି ଆବଶ୍ୟକତା ନାହିଁ । ଭାଷଣ ପରେ ମତେ ଖଲିଫାଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ମିଳିଲା ଓ ମୁଁ ଏହାକୁ ସାରା ଜିବନ ମନେ ରଖିବି ।

ଜଣେ ଜର୍ମାନି ଝିଅ ସୋରୟା ରେଚଟ୍ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମତେ ଏକଥା ବହୁତ ଭଲ ଲାଗିଲା ଯେ, ଖଲିଫାଙ୍କ ବକ୍ତବ୍ୟରେ ବର୍ତମାନର ସମସ୍ୟାଗୁଡ଼ିକ ଉପରେ ଚର୍ଚ୍ଚା କରାଗଲା । ଖଲିଫାଙ୍କ ପୂର୍ବରୁ ମଧ୍ୟ ଅନେକ ରାଜନେତାମାନେ ଏ ସମ୍ୱନ୍ଧରେ ହୋଇଛନ୍ତି କିନ୍ତୁ ସେମାନଙ୍କ କଥାରେ କୌଣସି ଓଜନ ନଥିଲା ସେମାନେ ସେହି ସବୁ ଚେରାଚେରିତ କଥା ଉପରେ ଚର୍ଚ୍ଚା କରିଥିଲେ ଯାହାକୁ କେହି ମଧ୍ୟ କହିପାରେ କିନ୍ତୁ ଖଲିଫାଙ୍କର ଭାଷଣ ସମ୍ପୁର୍ଣ୍ଣ ଭିନ୍ନ ଥିଲା ଆପଣ ବାସ୍ତବିକ ସମସ୍ୟାଗୁଡ଼ିକ ଉପରେ ଚର୍ଚ୍ଚା କଲେ । ଆପଣ ଯୁଦ୍ଧ ବିଷୟରେ ଚର୍ଚ୍ଚା କଲେ, ଆପଣ ଜଳବାୟୁ ପରିବର୍ତନ ଉପରେ କଥା ହେଲେ ଓ ଆପଣ ଇମିଗ୍ରେସନ ବିଷୟରେ କଥା ହେଲେ ଏହି ସବୁ ସମସ୍ୟାଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଏବଂ ଆପଣ ସେ ସବୁର ସମାଧାନ ଓ ମାର୍ଗ ମଧ୍ୟ ବତାଇଲେ ଯେ, ଧର୍ମ ଉପରେ ଅଙ୍କୁଶ ଲଗାଇବା ପରିବର୍ତେ ଧର୍ମକୁ ବିକଶିତ ହେବାକୁ ଦିଆଯାଉ ଲୋକମାନେ ଈଶ୍ୱରଙ୍କ ନିକଟକୁ ଆସନ୍ତୁ । ମୁଁ ଭାବୁଛି ଯେ, ସାରା ଦୁନିଆରେ ଆପଣ ହିଁ ଇସ୍‌ଲାମ୍‌ର ଉତମ ପ୍ରତିନିଧି ଅଟନ୍ତି । ଆପଣ ହେଉଛନ୍ତି ଏପରି ବ୍ୟକ୍ତି ବିଶେଷ ଯିଏ ଲୋକମାନଙ୍କୁ ଇସ୍‌ଲାମ୍‌କୁ ଗ୍ରହଣ କରିବାପାଇଁ ବାଧ୍ୟ କରିଦେବ ଓ ଲୋକମାନଙ୍କୁ ଏକଥାର ବିଶ୍ୱାସ ଜନ୍ମାଇ ଦେବ ଯେ, ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ । ଖଲିଫା ନିଜ ଭାଷଣରେ କେତେକ ବାକ୍ୟ ଏମିତି ବ୍ୟବହାର କଲେ ଯାହା ମତେ ବହୁତ ଭଲ ଲାଗିଲା । ଉଦାହରଣ ସ୍ୱରୁପ ଆପଣ କହିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଏକଥା ଚାହୁଁଛି କି, ତା'ର ଘର ଓ ତା ଦେଶରେ ଶାନ୍ତି ସ୍ଥାପନ ହେଉ ଏ ଇଚ୍ଛା ରଖିବା ସତ୍ତ୍ୱେ ମଧ୍ୟ ଏପରି କାମ କରିଦେଉଛନ୍ତି ଫଳତଃ କେବଳ ଘୃଣାଭାବ ହିଁ ବଢ଼ିପାରିବ । ତେଣୁ ପ୍ରତ୍ୟେକଙ୍କୁ ଏ ସମ୍ୱନ୍ଧରେ ଚିନ୍ତା କରିବା ଉଚିତ ଏବଂ ଏଥିପ୍ରତି ଧ୍ୟାନ ଦେବା ଉଚିତ ।

ଖଲିଫତୁଲ୍ ମସିହି ବହୁତ ସ୍ପଷ୍ଟରୂପେ ଏକଥା ବତାଇ ଦେଲେ ଯେ, ଆଜିକାଲି ଯେଉଁ ଯୁଦ୍ଧ ହେଉଅଛି ତା'ର ସମ୍ପର୍କ ଧର୍ମ ସହିତ ନାହିଁ । ସେ ରାଜନୈତିକ ପରିସ୍ଥିତି ଉପରେ ଏପରି ଆଲୋକପାତ କରିଛନ୍ତି ଯାହାକୁ ଜଣେ ବହୁତ ବଡ଼ ତର୍ଜମାକାରୀ ମଧ୍ୟ ତର୍ଜମା କରିପାରିବେ ନାହିଁ । ଯେମିତି କି, ଖଲିଫା କହିଲେ ଯେ, ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଦୁର୍ବଳ ରାଷ୍ଟ୍ରଗୁଡ଼ିକଠାରୁ ଲାଭ ଉଠାଉଛନ୍ତି ବେଳେବେଳେ ପ୍ରକାଶ୍ୟରେ ମଧ୍ୟ ଲାଭ ଉଠାଯାଇଥାଏ ଓ ବେଳେବେଳେ ଗୁପ୍ତଭାବରେ ମଧ୍ୟ ଲାଭ ଉଠାଯାଇଥାଏ । ସେହି ଦୃବଳ ରାଷ୍ଟ୍ରଗୁଡ଼ିକୁ ବାଧ୍ୟ କରିଦିଆଯାଉଛି ଯେ, ସେମାନେ ଶକ୍ତିଶାଳି ରାଷ୍ଟ୍ରଗୁଡ଼ିକର ହିତକୁ ସୁରକ୍ଷା ଦିଅନ୍ତୁ । ମୁଁ ଏତିକି କହିବାକୁ ଚାହୁଁଛି ଯେ, ଖଲିଫା ହେଉଛନ୍ତି ଜଣେ ମହାନ୍ ବ୍ୟକ୍ତି ବିଶେଷ ଓ ମୁଁ ତାଙ୍କ ମହାନତାକୁ ସ୍ୱୀକାର କରୁଅଛି ।

ଆଉ ଜଣେ ଜର୍ମାନିୟ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ଦ୍ୱିତୀୟ ଥର ପାଇଁ ଏହି ଜଲ୍‌ସାରେ ସାମିଲ ହୋଇଅଛି ଓ ଖଲିଫାଙ୍କ ସହିତ ମଧ୍ୟ ସାକ୍ଷାତ କରିଛି ଖଲିଫା ବହୁତ ମହାନ୍ ବ୍ୟକ୍ତିତ୍ୱର ମାଲିକ ଅଟନ୍ତି ଖଲିଫାଙ୍କ ଆଜିକାର ଭାଷଣ ଗତବର୍ଷର ଭାଷଣଠାରୁ ଶକ୍ତିଶାଳୀ ଥିଲା । ଅନ୍ୟ ଲୋକମାନେ ରାଜନେତାଙ୍କ ପରି କଥା ହୋଇଥାନ୍ତି ଓ କେବଳ ନିଜର ଶ୍ରୋତାମାନଙ୍କୁ ଖୁସି କରିବାପାଇଁ ଚାହିଁଥାନ୍ତି କିନ୍ତୁ ଖଲିଫାଙ୍କ ଉଦ୍ଦେଶ୍ୟ କିଛି ଅଲଗା ଏବଂ ତାଙ୍କର ଉଦ୍ଦେଶ୍ୟ କେବଳ ହିଁ କେବଳ ସତ୍ୟ କହିବା । ଖଲିଫା ଏକଥା ସ୍ପଷ୍ଟ କରିଦେଲେ ଯେ, କେଉଁସବୁ କଥା ଶାନ୍ତି ମାର୍ଗରେ ପ୍ରତିବନ୍ଧକ ସାଜୁଛି । ଏକଥା ଅତ୍ୟନ୍ତ ସାନ୍‌ଦାର୍ ଥିଲା ଯେ ଖଲିଫା ଅନ୍ୟ ବକ୍ତାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପଂଏଟ ଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କଲେ ଏଥିରୁ ଆପଣଙ୍କ ବିନମ୍ର ସ୍ୱଭାବ ପ୍ରକାଶ ହେଉଅଛି ଓ ଏହା ମଧ୍ୟ ପ୍ରକାଶ ହେଉଅଛି ଯେ, ଆପଣ ପ୍ରକୃତ ଜ୍ଞାନୀ ବ୍ୟକ୍ତି ବିଶେଷ ଅଟନ୍ତି । ଯେଉଁ କଥା ମତେ ସବୁଠାରୁ ଅଧିକା ପ୍ରଭାବିତ କଲା ତାହା ଥିଲା ଖଲିଫାଙ୍କର ସାହାସ । ଆପଣ ଯେଉଁଭଳି ଆମେରିକା, ଋଷ୍, ଚୀନ୍, ଇସ୍ରାଇଲ୍ ଏବଂ ସମସ୍ତ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ବିଷୟରେ କଥା ହେଲେ ଓ ଏକଥା ବତାଇଲେ ଯେ, ଏମାନେ ସମସ୍ତେ ଅନ୍ୟାୟ କରୁଛନ୍ତି, ଏହିସବୁ କଥା କୌଣସି ସାଧାରଣ ବ୍ୟକ୍ତି କରିପାରିବ ନାହିଁ । ଖଲିଫା ଏକଥା ବତାଇଲେ ଯେ, ଏହି ଅନ୍ୟାୟ ଅନିତି ମାନବାଜାତିକୁ ଅନ୍ଧାର ଆଡ଼କୁ ଠେଲି ଦେଉଛି । ମତେ ଖଲିଫାଙ୍କ ଶେଷ ବାକ୍ୟଗୁଡ଼ିକ ମଧ୍ୟ ବହୁତ ଭଲ ଲାଗିଲା ଯେଉଁଠି ସେ ଶାରା ସଂସାର ପାଇଁ ଦୁଆ କଲେ ସେଠାରେ ସେ ଏ ଦୁଆ ମଧ୍ୟ କଲେ ଯେ, କାଲେ ଶାନ୍ତିର ନୀଳ ଆକାଶ ଉଦୟ ହେବ । ଯେତେବେଳେ ମୁଁ ଏହି ବାକ୍ୟକୁ ଶୁଣିଲି ସେତେବେଳେ ମୁଁ ଜାଣିପାରିଲି ଯେ, ଖଲିଫା କେବଳ ଧାର୍ମିକ ମାର୍ଗଦର୍ଶକ ଓ ଜ୍ଞାନୀ ବ୍ୟକ୍ତି ନୁହନ୍ତି ବରଂ ସେ ଜଣେ କବୀର ମିଜାଜ୍ ରଖିଛନ୍ତି ।

କୁର୍ଦ ସମ୍ପ୍ରଦାୟର ଜଣେ ଝିଅ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ, କିଛି ବର୍ଷପୂର୍ବେ ମୋ ମାଆ ଅହେମଦୀୟତ ଗ୍ରହଣ କରିଥିଲେ କିନ୍ତୁ ସେତେବେଳେ ମୁଁ ଏଥିପ୍ରତି ପ୍ରସ୍ତୁତ ନଥିଲି । ଆଜି ମୁଁ ହଜୁରଙ୍କୁ ଦେଖିବାପରେ ଓ ହଜୁରଙ୍କୁ ଶୁଣିବାପରେ ମୋର ସମସ୍ତ ସନ୍ଦେହ ଓ ଶଙ୍କା ଦୁର ହୋଇଗଲା ଗତ ବର୍ଷ ମଧ୍ୟ ମୁଁ ଏଠାକୁ ଆସିଥିଲି କିନ୍ତୁ ଆଜି ଯେଉଁ ପ୍ରଭାବ ମୋ ଉପରେ ପଡ଼ିଛି ସେହିଭଳି ଅବସ୍ଥା ସେତେବେଳେ ନଥିଲା । ମତେ ଆପଣଙ୍କ ଶରୀରରୁ ଜ୍ୟୋତି ବାହାରିବାର ଅନୁଭବ ହେଉଥିଲା । ମୋ ମାଆ ବହୁତ ଖୁସି ହେବେ କାରଣ ଏବେ ମତେ ଏହାର ଅନୁଭବ ବହୁ ମାତ୍ରାରେ ହେଲାଣି ଯେ, ମତେ ଏବେ ଅହେମଦୀ ହୋଇଯିବା ଉଚିତ ।

ଜର୍ମାନିର ଜଣେ ଝିଅ ହାନା ଜାକୁପି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମତେ ଏକଥା ବହୁତ ଭଲ ଲାଗିଲା ଯେ, ଖଲିଫା କବେଳ ଧର୍ମ ଉପରେ କଥା ହେଲେ ନାହିଁ ବରଂ ରାଜନୈତିକ ଅବସ୍ଥା ଉପରେ ମଧ୍ୟ ଚର୍ଚ୍ଚା କଲେ । ଏହା ମୋ ପାଇଁ କୌଣସି ଚମତ୍କାରଠାରୁ କମ୍ ନୁହେଁ ଯେ, ମୁଁ ଜଣେ ଧାର୍ମିକ ନେତାଙ୍କୁ ଏଭଳି ଖୋଲାଖୋଲି ଭାବେ ପୃଥିବୀର ସମସ୍ୟାଗୁଡ଼ିକ ଉପରେ ଚର୍ଚ୍ଚା କରିବାର ଦେଖୁଅଛି । ଲୋକମାନେ ଏକଥା କହୁଛନ୍ତି ଯେ, ଏ ପୃଥିବୀରେ ସବୁପ୍ରକାରର କୁକର୍ମ ଓ ଲଢ଼େଇ ଝଗଡ଼ା ଧର୍ମ ଯୋଗୁଁ ହିଁ ହେଉଅଛି କିନ୍ତୁ ଖଲିଫା ଏକଥା ପ୍ରମାଣ କରିଦେଲେ ଯେ, ଏ ଚିନ୍ତା ଧାରା ସମ୍ପୁର୍ଣ୍ଣରୂପେ ଭୁଲ୍ ଅଟେ । ଏହି ଯେଉଁ ଯୁଦ୍ଧ ହେଉଅଛି ବାସ୍ତବ ପକ୍ଷେ ଏହା ଆର୍ଥିକ ହିତ ର ଚାରିପଟେ ଘୁରୁଅଛି ଅବା ପୁଣି ଏହାର କୌଣସି ସାମାଜିକ କାରଣ ରହିଛି ଯେଉଁଠି ଲୋକମାନେ ଅନ୍ୟାୟ ବିରୋଧରେ ସ୍ୱର ଉତୋଳନ କରୁଅଛନ୍ତି । ଖଲିଫାଙ୍କର ଭାଷଣ ସମୟର ଗୁରୁତ୍ୱପୁର୍ଣ୍ଣ ଆବଶ୍ୟକ । ଖଲିଫାଙ୍କ ବିନମ୍ର ସ୍ୱଭାବ ବହୁତ ଭଲ ଲାଗିଲା । ଖଲିଫାଙ୍କ ବକ୍ତବ୍ୟର ଶେଷ ଭାଗଟି ମୋ ଉପରେ ବହୁତ ପ୍ରଭାବ ପକାଇଛି । ମତେ ସେହି ପ୍ରେମଭାବ ଅନୁଭବ ହେଲା ଯେଉଁ ପ୍ରେମଭାବ ଖଲିଫାଙ୍କୁ ମାନବଜାତି ପାଇଁ ରହିଛି ।

ଅସ୍‌ମାଆ କୁଫ୍‌ତାରୁ ସାହିବା ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି ଖଲିଫାଙ୍କର ଅତିଥିମାନଙ୍କୁ ଇଂରାଜୀରେ ଭାଷଣ ଦେବାପରେ ମୋ ହୃଦୟର ଅବସ୍ଥା ପରିବର୍ତନ ହୋଇଗଲା ଓ ମତେ ନିଜ ଭିତରେ ଏକ ନୂଆ ଆଶାର ଭାବନା ସୃଷ୍ଟି ହେଲା । ଯେଉଁ କାର୍ଯ୍ୟ ଆପଣ କରୁଅଛନ୍ତି ଅଲ୍ଲାଃ ତାଲାଙ୍କ ନିକଟରେ ତାହା ବହୁତ ଉଚ୍ଚକୋଟୀର । ମୁଁ ଖଲିଫାଙ୍କୁ ଜଣେ ଉତମ ନେତା, ଜଣେ ସର୍ବୋତମ ବକ୍ତା ଏବଂ ଜଣେ ବିଶ୍ୱାସୀ ପୁରୁଷରୂପେ ଦେଖିବାକୁ ପାଇଲି ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ୱନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ୱନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

**୦୭ ଜୁଲାଇ ୨୦୧୯ ରବିବାର**

ହଜୁର ଅନଓ୍ୱର ଅ:ବ:ଅ ଭୋରଜ ୪:୧୫ ମିନିଟରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ ନାମଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ଓ ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ଯମାତ ଅହେମଦୀୟା ଜର୍ମାନିର ଜଲ୍ସା ସାଲାନାର ତୃତୀୟ ଦିବସ ଏବଂ ଶେଷ ଦିନ ଥିଲା ପ୍ରୋଗ୍ରାମ ମୁତାବକ ୩:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କର ଜଲ୍ସାଗାଃରେ ପଦାର୍ପଣ କଲେ ଓ ସେଠାରେ ବୟତ (ଦୀକ୍ଷା ନେବାର) ଉତ୍ସବ ଅନୁଷ୍ଠିତ ହେଲା । ଏହା ଏକ ଆନ୍ତର୍ଜାତିକ ବୟତ ଥିଲା ଯାହା ଏମ୍.ଟି.ଏ ଇଂଟରନ୍ୟାସନାଲ ଜରିଆରେ ପୃଥିବୀର ସମସ୍ତ ଦେଶଗୁଡ଼ିକରେ ସିଧା ପ୍ରସାରଣ କରାଗଲା ଓ ଏହିପରି ପୃଥିବୀର ସମସ୍ତ ଦେଶରେ ଥିବା ଯମାତ୍ ଗୁଡ଼ିକ ଏହି ସାଧନ ଦ୍ୱାରା ନିଜର ପ୍ରୀୟ ଆକାଙ୍କ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ଜର୍ମାନି, ଗାମ୍ବିୟା, ଚେଚ୍ନିଆ, ସିରିଆ, ରୁମାନିଆ, ବେଲ୍ଜିୟମ୍, ସେନିଗାଲ୍, ଲେବ୍ନାନ୍, ଗିନିକୋନାକରି, ଉଜ୍ବେକିସ୍ତାନ, ହଲାଣ୍ଡ, ତୁର୍କୀ, ସର୍ଭିୟା, କୋସୋଭ, ଘାନା ଏବଂ ଆଲ୍ବାନିଆ ଦେଶ ସହିତ ସମ୍ବନ୍ଧ ରଖିଥିବା ୩୭ ଜଣ ସଦସ୍ୟ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ଯେଉଁ କ୍ଷଣି ଷ୍ଟେଜ୍ ଉପରେ ବିରାଜମାନ ହେଲେ ସେହି କ୍ଷଣି ସମ୍ପୁର୍ଣ୍ଣ ଜଲ୍ସାଗାଃ ଟି ଗଗନସ୍ପର୍ଶୀ ନାରା (ସ୍ଲୋଗାନ) ରେ ଗୁଞ୍ଜି ଉଠିଲା ଯମାତ୍ର ସଦସ୍ୟମାନେ ବହୁତ ଉତ୍ସାହିତ ହୋଇ ସ୍ଲୋଗାନ ଲଗାଉଥିଲେ ।

ଉଦ୍‌ଯାପନୀ ସଭାର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ଦ୍ୱାରା ହେଲା ତାହା ମୋକରମ୍ ମୁହମ୍ମଦ୍ ଇଲିଆସ୍ ମୁନୀର୍ ସାହେବ ମୁବ୍ଲିଗ୍ ସିଲ୍‌ସିଲା ଜର୍ମାନି ଆବୃତି କଲେ ଏବଂ ପରେ ଏହାର ଉର୍ଦ୍ଦୁ ଅନୁବାଦ ଉପସ୍ଥାପନ କଲେ । ସେହିପରି ଏହାର ଜର୍ମାନି ଅନୁବାଦ ମଧ୍ୟ ପାଠ କଲେ । ଏହାପରେ ଅଜିଜମ୍ ମୁର୍‌ତଜା ମନ୍ନାଲ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍

***ହର୍ ତରଫ୍ ଫିକ୍‌ର୍ କୋ ଦୌଡ଼ାକେ ଥକାୟା ହମ୍‌ନେ***

***କୋଇ ଦୀଁ ଦୀନେ ମୁହମ୍ମଦ୍ ସା ନ ପାୟା ହମ୍‌ନେ***

ରୁ କିଛି ନିର୍ବାଚିତ ପଦ ଅତ୍ୟନ୍ତ ସୁନ୍ଦର ସ୍ୱରରେ ଉପସ୍ଥାପନ କଲେ ।

ଏହାପରେ ପ୍ରୋଗ୍ରାମ ମୁତାବକ ଜର୍ମାନିର ଫୁରିଙ୍ଗୟାନ୍ ରାଜ୍ୟର ସେକ୍ରେଟାରୀ ଫର୍ କଲ୍‌ଚର୍ ଆଣ୍ଡ ୟୁରୋପ ଡ଼ାକ୍ତର ବେବେଟ୍ ଉଇଂଟର୍ ନିଜର ଅଭିଭାଷଣ ପ୍ରଦାନ କଲେ । ତା'ପରେ ଜଣେ ଆରବୀୟ ସ୍କଲାର୍ ଡ଼ାକ୍ତର ମୁହମ୍ମଦ ହୁବଶ୍ ସାହେବ୍ ଯାହାଙ୍କ ସମ୍ବନ୍ଧ ସିରିଆ ଦେଶ ସହିତ ଅଛି, ସେ ନିଜର ଅଭିଭାଷଣ ଉପସ୍ଥାପନ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ସଫଳତା ଲାଭ କରିଥିବା ଓ ଉତମ ଫଳାଫଳ ଲାଭ କରିଥିବା ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ଓ ମେଡ଼ାଲ୍ ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରୁ ନିମ୍ନଲିଖିତ ୫୩ଜଣ ସୌଭାଗ୍ୟବାନ ଶିକ୍ଷାର୍ଥୀ/ଛାତ୍ର ତାଲିମି ଆଓ୍ୱାଡ଼ ହାସଲ କଲେ । ଆଓ୍ୱାର୍ଡ଼ ପାଇଥିବା ଏହି ୫୩ ଜଣ ଛାତ୍ରମାନଙ୍କ ମଧ୍ୟରୁ ୪୧ଜଣଙ୍କର ସମ୍ବନ୍ଧ ଜର୍ମାନି ସହିତ ଅଛି ଓ ଜଣଙ୍କର ସମ୍ବନ୍ଧ ପାକିସ୍ତାନ ସହିତ, ଜଣେ ବେଲ୍‌ଜିୟମ୍‌ରୁ, ଦୁଇଜଣ ଫିନ୍‌ଲ୍ୟାଣ୍ଡରୁ, ଜଣଙ୍କର ତୁର୍କୀରୁ, ଜଣେ ସୁଇଜରଲ୍ୟାଣ୍ଡରୁ, ଜଣେ ଲିଥ୍ୟୋନିଆରୁ, ଦୁଇଜଣ ସ୍ୱୀଡ଼େନ୍‌ରୁ,

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 30 April 2020 Issue No. 18

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନି ଗସ୍ତ - (ଜୁଲାଇ ୨୦୧୯)

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ**

ହଜୁର ଅନଓ୍ୱର ଅ:ବ:ଅ କହିଲେ ମଧ୍ୟ ପ୍ରାଚ୍ୟରେ କେତେ ଦଶକ ହେବ ପରିସ୍ଥିତି ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ରହିଛି । ଇସ୍ରାଇଲ୍ ଏବଂ ପାଲେଷ୍ଟାଇନ ମଧ୍ୟରେ ଶାନ୍ତି ପାଇଁ ଯେଉଁ ବାର୍ତାଳାପ ଚାଲିଥିଲା ଏବଂ ଯେଉଁ ଶାନ୍ତି ଚୁକ୍ତିଗୁଡ଼ିକ କରାଯାଇଥିଲା ତାହା ସବୁ ଅସଫଳ ହୋଇସାରିଛି । ଏବେ ଆମେରିକା ଓ ତାହାର ମିତ୍ର ଶକ୍ତିଗୁଡ଼ିକ ଗୋଟିଏ ନୂଆ ଶାନ୍ତି ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନାଟି ନିୟମିତ ଘୋଷଣା ପୂର୍ବରୁ ହିଁ ତା ଉପରେ ସନ୍ଦେହ ଓ ଶଙ୍କା ପ୍ରକାଶ ହେବା ଆରମ୍ଭ ହୋଇଗଲାଣି । ପୁଣି ରାଜନୈତିଜ୍ଞମାନେ ଓ ପ୍ରବିଣ ଲୋକମାନେ ଏକଥା କହୁଛନ୍ତି ଯେ, ଏହି ନୂଆ ଯୋଜନାଟି ଅନ୍ୟାୟ ଉପରେ ଆଧାରିତ । ତେଣୁ ଏଥିରେ କୌଣସି ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ ନାହିଁ । Gerard Araud ସାହେବ ଯିଏ ଜାତିସଂଘରେ ଫ୍ରାନ୍ସର ରାଜଦୂତ ଥିଲେ, ସେ ତାଙ୍କ ରିଟାୟର୍ଡ଼ମେଂଟ ପୂର୍ବରୁ କହିଥିଲେ ଯେ, ଏହି ଯୋଜନାଟି ଅସଫଳ ହେବା ଊଣା ଅଧିକେ ନିଶ୍ଚିତ ହିଁ ଥିଲା । ଏହା ଏଥିଯୋଗୁଁ ଯେ, ବିଭିନ୍ନ ପ୍ରକାରର କାରଣ ଯୋଗୁଁ ଏ ପୃଥିବୀର ଶାନ୍ତି କ୍ଷୁର୍ଣ୍ଣ ହୋଇଯାଇଅଛି ଉଦାହରଣ ସ୍ୱରୁପ କେତେକ ରାଷ୍ଟ୍ର ଓ ରାଜନୈତିଜ୍ଞ ପାର୍ଟି ଏମିତି ଏକତରଫା ପଲିସି ତିଆରି କରିଛନ୍ତି ଯାହା ଜାତି ଓ ରାଷ୍ଟ୍ର ହିତକୁ ସମାନତା ପ୍ରଦାନ କରିବା ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ନୁହେଁ ତେଣୁ ଏହିପରି ଅନ୍ୟାୟ ଓ ଅନିତି ସେମାନଙ୍କୁ କେବେ ବି ଶାନ୍ତି ଓ ଉନ୍ନତିର ମାର୍ଗଆଡ଼କୁ ନେଇ ଯାଇନପାରେ । ଭିନ୍ନ ଭିନ୍ନ ଗବେଷଣା ଏବଂ ଭିନ୍ନ ଭିନ୍ନ ନିବନ୍ଧ, ଯାହା ସବୁର ମୁଁ ଏଠାରେ ହଓ୍ୱାଲା ଦେଲି ତାହା ସ୍ୱଷ୍ଟ କରୁଅଛି ଯେ, ଏ ପୃଥିବୀର ଶାନ୍ତି ଓ ସୁରକ୍ଷାର କମି ହେବାର ଦୋଷ କୌଣସି ଧର୍ମର ବୋଲି ଅଭିହିତ କରାଯାଇନପାରେ । ସେ ଇସ୍‌ଲାମ୍ ହେଉ ବା ଆଉ କୌଣସି ଧର୍ମ ହେଉ । ବରଂ ଅନେକ ଅର୍ଥନିତିକ, ଭୌଗଳିକ, ରାଜନୈତିକ ଏବଂ ସାମାଜିକ ସମସ୍ୟାମାନ ଏପରି ଅଛନ୍ତି ଯାହା ସବୁ ପୃଥିବୀର ଶାନ୍ତିକୁ ବରବାଦ୍ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୁମିକା ନିର୍ବାହ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇତିହାସର ଏହି ସୂକ୍ଷ୍ମ ମୋଡ଼ରେ ମୋର ଏହି ଦୃଢ଼ ବିଶ୍ୱାସ ରହିଛି ଯେ, ଆମ ଯୁଗରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ସମସ୍ୟାଗୁଡ଼ିକର ନିଃଶେଷ ହେବା ପାଇଁ ଏବଂ ଗୋଟିଏ ହିଁ ମାର୍ଗ ରହିଛି ଓ ତାହା ଆମକୁ ମୋକ୍ଷ ଆଡ଼କୁ ନେଇଯାଇପାରେ ଓ ଆମକୁ ଏ ପୃଥିବୀର ଯୁଦ୍ଧ ଓ ଲଢ଼େଇରୁ ମୁକ୍ତି ଦେଇପାରେ । ସେହି ରାସ୍ତା ହେଉଛି ଅଲ୍ଲାଃ ତାଲାଙ୍କର ରାସ୍ତା । ଶାନ୍ତି, ଶକ୍ତି ଏବଂ ଧନସମ୍ପତି ଜରିଆରେ ପ୍ରତିଷ୍ଠା ହୁଏନାହିଁ ବରଂ ଶାନ୍ତି ତ ଖୁଦାତାଲାଙ୍କ ଅସ୍ତିତ୍ୱରେ ହିଁ ରହିଛି । ସୁତରାଂ ଏହା ସମୟର ଆବଶ୍ୟକତା ଯେ, ମାନବଜାତି ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା ଏହା ଚାହୁଁଛନ୍ତି ଯେ, ମାନବ ସମାଜ ଯିଏ ହେଉଛି ସର୍ବଶ୍ରେଷ୍ଠ ପ୍ରାଣୀ ସେ ଶାନ୍ତିର ସହିତ ଜିବନ ଅତିବାହିତ କରୁ ଏବଂ ଜଣେ ଅନ୍ୟ ଜଣଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ତେଣୁ ଇସ୍‌ଲାମ୍‌ର ପବିତ୍ର ପୁସ୍ତକ କୁର୍‌ଆନ୍ କରିମ୍ ହେଉଛି ଇସ୍‌ଲାମିୟ ନିର୍ଦ୍ଦେଶାବଳିଗୁଡ଼ିକର ପ୍ରଥମ ଝରଣା । ଆମ ଆସ୍ଥା ମୁତାବକ ଏହି ପୁସ୍ତକ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ କରିଛନ୍ତି । ଯାହାକୁ ଆମେ ଶେଷ ଧର୍ମ ବିଧାନ ବୋଲି ମାନୁଅଛୁ ଓ ତାହା କୟାମତ ପର୍ଯ୍ୟନ୍ତ ତିଷ୍ଠି ରହିବ । ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ଯେ, ଯେତେବେଳେ ଦୁନିଆର ପ୍ରତ୍ୟେକ ଭାଗରେ ମତଭେଦ ଏବଂ ଅସ୍ଥିରତା ବ୍ୟାପି ଥାଏ ସେତେବେଳେ ତାହାର ମୁଳକାରଣ ମଣିଷ ଏବଂ ତା'ର ସୃଷ୍ଟିକର୍ତାଙ୍କ ମଧ୍ୟରେ ଦୂରତା ସୃଷ୍ଟି ହେବା ହୋଇଥାଏ । ଏହିଭଳି ସମୟରେ ଯେତେବେଳେ ପୃଥିବୀ ଧ୍ୱସଂ ଆଡ଼କୁ ମୁହାଁଇଥାଏ ସେତେବେଳେ ଅଲ୍ଲାଃ ତାଲା ନିଜର କୃପା ଯୋଗୁଁ ନିଜର ସମ୍ମାନୀୟ ପ୍ରତିନିଧିଙ୍କୁ ପ୍ରକଟ କରିଥାଏ ଯାହା ମନୁଷ୍ୟତାକୁ ଧର୍ମଆଡ଼କୁ ଲେଉଟାଇ ନେଇଆସିଥାଏ । ପ୍ରଥମେ ପ୍ରଥମେ ଅବତାରମାନେ ନିଜ ନିକଟ ସମ୍ପର୍କୀୟ ଲୋକଙ୍କ ମାର୍ଗଦର୍ଶନ କରାଇବାପାଇଁ ବିଭିନ୍ନ ଇଲାକାରେ ଆସିଥିଲେ ପୁଣି ଆମ ବିଶ୍ୱାସ ମୁତାବକ ଅଲ୍ଲାଃ ତାଲା ନବୀ କରିମ୍ ସ:ଆ:ସଙ୍କୁ ଗୋଟିଏ ଅର୍ନ୍ତରାଷ୍ଟ୍ରିୟ ଶରିୟତ ସହିତ ସମସ୍ତ ମାନବଜାତିର ଆଧାତ୍ମିକ ଏବଂ ଚାରିତ୍ରିକ ସୁଧାର ନିମନ୍ତେ ଅବତାରଣ କଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେମିତି କି ମୁଁ ମୂଳରୁ ଏକଥା ବତାଇ ସାରିଛି ଯେ, ଆମେ ଅହେମଦୀ ମୁସଲମାନ ଏକଥା ଉପରେ ବିଶ୍ୱାସ ରଖିଛୁ ଯେ, ଏ ଯୁଗରେ ଅଲ୍ଲାଃ ତାଲା ଏ ପୃଥିବୀକୁ ସୁଧାରିବା ପାଇଁ ଅହେମଦୀୟା ସମ୍ପ୍ରଦାୟର ପ୍ରତିଷ୍ଠାତାଙ୍କୁ ସୁଧାରକ ରୂପେ ପଠାଇଛନ୍ତି । ଯଦ୍ୱାରା ଆପଣ ମାନବ ସମାଜର ମାର୍ଗଦର୍ଶନ କରାଇବେ ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ଆଲୋକପାତ କରିବେ ଯାହାକୁ ବହୁଦିନ ହେବ ଲୋକମାନେ ଭୁଲି ସାରିଛନ୍ତି । ପୁଣି ଆପଣ ଆ:ସ ଏଥିପାଇଁ ଆସିଛନ୍ତି ଯେ, ମୁସଲମାନ ଏବଂ ଅଣମୁସଲମାନମାନଙ୍କୁ ଏହା ଦେଖାଇଦେବେ ଯେ, ଇସ୍‌ଲାମ ହେଉଛି ଏକ ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଚାରା ବନ୍ଧୁତ୍ୱର ଧର୍ମ ଏବଂ ଖୁଦାତାଲା ମାନବଜାତି ପାଇଁ ଏହା ଚାହୁଁଛନ୍ତି ଯେ, ସେମାନେ ଶାନ୍ତିରେ ଜୀବନଯାପନ କରନ୍ତୁ ଓ ନିଜ ପାଳନକର୍ତା ଏବଂ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରନ୍ତୁ । ହଜ୍‌ରତ୍ ମସିହ ମଉଦ ଆ:ସ ବହୁବାର ଏକଥା ଉପରେ ଜୋର ଦେଇଛନ୍ତି ଯେ, ସେ ପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ଅଧିକାର ଦିଆଯାଇନପାରେ ଯେ ପର୍ଯ୍ୟନ୍ତ ତାହାଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ ନ କରାଯାଇଛି । ପବିତ୍ର କୋରାନ୍ ତ ଏହା କହୁଅଛି ଯେ, ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କ ପ୍ରାଣୀଙ୍କ ଅଧିକାରକୁ ପ୍ରଦାନ କରୁନାହାନ୍ତି ସେମାନଙ୍କର ସମସ୍ତ ଉପାସନା ବେକାର ଓ ଅଲ୍ଲାଃ ତାଲା ସେଗୁଡ଼ିକ ରଦ୍ଦ କରିଦେବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲୋକମାନଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ, ସେମାନେ ଅଲ୍ଲାଃ ତାଲାଙ୍କ ଛାୟା ତଳେ ଶରଣ ନିଅନ୍ତୁ ଯଦ୍ୱାରା ସେମାନେ ସବୁପ୍ରକାରର ଯୁଦ୍ଧ ଓ ବିପଦରୁ ସୁରକ୍ଷିତ ରହିବେ ତତ୍‌ସହିତ ସେ ଏହା ସଚେତନ ମଧ୍ୟ କରାଇ ଦେଇଛନ୍ତି ଯେ, ଯଦି ଲୋକମାନେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବାରେ ଅସଫଳ ହୁଅନ୍ତି ତେବେ ଏହା ବହୁତ ବଡ଼ ବିପଦପୂର୍ଣ୍ଣ କଥା ହେବ । ପୁଣି ଆପଣ ଆ:ସ କହୁଛନ୍ତି ଯେ, ନିଜର ଶକ୍ତି ଓ ଧନସମ୍ପତି ଥିବା ସତ୍ତ୍ୱେ ମଧ୍ୟ ନା ୟୁରୋପ, ନା ଆମେରିକା, ନା ଏସିଆ, ନା ଅଷ୍ଟ୍ରେଲିଆ, ନା ଉପଦ୍ୱୀପପୂଞ୍ଜ ଏବଂ ନା ଦୁନିଆର ଅନ୍ୟାନ୍ୟ ଇଲାକାଗୁଡ଼ିକ ଧ୍ୱଂସ ମୁହଁରୁ ବଂଚିପାରିବେ । ସୁତରାଂ ମୋର ଆନ୍ତରିକ ଦୁଆ ହେଉଛି ଏହା କି, ମାନବଜାତି ନିଜ ଏହି ପ୍ରାର୍ଥିବ ଦୁନିଆ ଓ ତାହାର ଆକର୍ଷଣରେ ମଜିଯିବା ପରିବର୍ତେ ଏବଂ ସେଥିରେ ମିଳୁଥିବା ଭୋଗ ବିଳାସକୁ ଜୀବନର ଶେଷ ଉଦ୍ଦେଶ୍ୟ ମଣିବା ପରିବର୍ତେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନୁ ଓ ତା' ଆଡ଼କୁ ଫେରି ଆସୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୋର ଏ ଦୃଢ଼ ଆଶା ଅଛି ଓ ମୋର ଏ ପ୍ରାର୍ଥନା ଯେ, ଲୋକମାନେ ନିଜର ସୃଷ୍ଟିକର୍ତା ଓ ନିଜର ସାଥିମାନଙ୍କ ପ୍ରତି ଥିବା ଧାର୍ଯ୍ୟ କର୍ତବ୍ୟକୁ ବୁଝିଯାନ୍ତୁ ଯଦ୍ୱାରା ଏ ଦୁନିଆ ଏପରି ଶାନ୍ତିପୂର୍ଣ୍ଣ ବୈକୁଣ୍ଠ ହୋଇଯାଉ ଯାହାର ଆଶା ଆମେ ସମସ୍ତେ ରଖିଅଛେ । ମୋର ଏ ପ୍ରାର୍ଥନା ଯେ, ଆମେ ଆମ ଆସନ୍ତା ପୀଢ଼ୀଙ୍କ ପାଇଁ ଏକ ଉତମ ନମୁନା ଛାଡ଼ିଯିବା ଯଦ୍ୱାରା_ଆସନ୍ତା ପୀଢ଼ୀ ଶାନ୍ତିର ସହିତ ଜୀବନଯାପନ କରିପାରିବେ । ଆମେ ଏପରି ନମୁନା ଛାଡ଼ିବା ନାହିଁ ଯଦ୍ୱାରା ଲଢ଼େଇ ଝଗଡ଼ା ସେମାନଙ୍କ ମଧ୍ୟରେ ବଢ଼ିଚାଲିବ ବା ସେମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରୁଥିବ ଓ ତାହା ସେମାନଙ୍କ ଉନ୍ନତି ଓ ସଫଳତାର ରାସ୍ତାକୁ ବନ୍ଦ କରିଦେଉଥିବ । ମୋର ଏ ପ୍ରାର୍ଥନା ଯେ, ଏ ଯୁଦ୍ଧରୁପି କଳା ବାଦଲ ଓ ସବୁ ପ୍ରକାର ଶତୃତା ଯାହା ସବୁ ଆମ ମୁଣ୍ଡ ଉପରେ ଘୂରି ବୁଲୁଛି, ତାହା ସବୁ ଅପସରୀ ଯାଉ ଓ ତା ସ୍ଥାନରେ ଶାନ୍ତି, ଉନ୍ନତି ର ସ୍ଥାୟୀ ନୀଳ ଆକାଶ ଦୁନିଆର ପ୍ରତ୍ୟେକ ଭାଗରେ ଢ଼ାଙ୍କି ହୋଇ ରହୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଧିକ ବିଳମ୍ବ ହୋଇଯିବା ପୂର୍ବରୁ ଅଲ୍ଲାଃ ତାଲା ମାନବଜାତିକୁ ନିଜ ଆଡ଼କୁ ଟାଣି ଆଣି ଆସନ୍ନ ଧ୍ୱସଂ ମୁହଁରୁ ବଂଚାଇବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍, ଶେଷରେ ପୁଣି ମୁଁ ଏକବାର ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି ଯେ, ଆପଣମାନେ ଆମର ଏହି ପ୍ରୋଗ୍ରାମରେ ଯୋଗ ଦେଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ସଂଧ୍ୟା ୫:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୬ ଜୁଲାଇ ୨୦୧୯ ଶନିବାରର ବଳକା ରିପୋର୍ଟ**

**ଅଣଅହେମଦୀ ଆରବୀୟ ଅତିଥିମାନଙ୍କର ହଜୁରଙ୍କ ସହିତ ସାକ୍ଷାତକାର**

ଆଜି ସଂଧ୍ୟାବେଳେ ପ୍ରୋଗ୍ରାମ ମୁତାବକ ବିଭିନ୍ନ ଦେଶ ସହିତ ସମ୍ବନ୍ଧ ରଖିଥିବା ପ୍ରତିନିଧି ମଣ୍ଡଳର ସାକ୍ଷାତକାର ରଖାଯାଇଥିଲା । ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ସାକ୍ଷାତକାର ନିମନ୍ତେ ଥିବା ହଲ୍ ଭିତରକୁ ପ୍ରବେଶ କଲେ । ସର୍ବପ୍ରଥମେ କେତେକ ବିଶେଷ ଆରବୀୟ ଅତିଥିମାନଙ୍କର ଗୋଟିଏ ଦଳ ସାକ୍ଷାତ କରିବାର ସୌଭାଗ୍ୟ ପାଇଲା ଏହି ଦଳରେ ରାଜନୈତିଜ୍ଞ, ଆରବର ଓଲେମା, ପତ୍ରକାର ଏବଂ ବିଭିନ୍ନ ସରକାରି ବିଭାଗର ପ୍ରତିନିଧିମାନେ ସାମିଲ ହୋଇଥିଲେ ।

ଏହି ଗ୍ରୁପଟି ୧୧ଜଣ ବିଶିଷ୍ଟ ଥିଲା ଯାହାର ମୁଖିଆ ମୁହମ୍ମଦ ଅଲ୍‌ହୁବଶ୍ ସାହେବ ଥିଲେ । ସେ ମହାଶୟ ହେଉଛନ୍ତି ଜଣେ ଇସ୍‌ଲାମୀୟ ସ୍କଲାର୍ ଏବଂ ସିରିଆ ପାର୍ଲାମେଂଟର ସଦସ୍ୟ । ସେ ସିରିଆର ପ୍ରଶିଦ୍ଧ ଇମାମ୍ ମାନଙ୍କ ମଧ୍ୟରୁ ଜଣେ ଅଟନ୍ତି । ସେ ବର୍ତମାନ ଅବୁଧାବି ୟୁନିର୍ଭସିଟିରେ ପ୍ରଫେସର ରୂପେ କାର୍ଯ୍ୟରତ । ଏତଦ୍‌ବ୍ୟତିତ ମିଶର୍, ସାଉଥଆଫ୍ରିକା, ସୁଇଜରଲ୍ୟାଣ୍ଡ, ଅବୁଧାବି ଏବଂ ମାଲ୍‌ଟା ଦେଶରେ ବିଭିନ୍ନ କାର୍ଯ୍ୟାଳୟରେ, କମିଟିଗୁଡ଼ିକର ଆଡ଼ଭାଇଜର୍ ଓ ସଦସ୍ୟ ଅଛନ୍ତି । ଶ୍ରୀମାନ୍ ମୁହମ୍ମଦ ଅଲ୍‌ହୁବଶ୍ ସାହେବଙ୍କ ପତ୍ନୀ ଆସ୍‌ମା କଫ୍‌ତାର୍ ସାହିବା ମଧ୍ୟ ତାଙ୍କ ସହିତ ଥିଲେ । ସେ ମହାଶୟା ସିରିଆର ପ୍ରଶିଦ୍ଧ ମୁଫତି Ahiyad Kaftarou ଙ୍କ କନ୍ୟା ଅଟନ୍ତି । ଏତଦ୍‌ବ୍ୟତିତ ମୁହମ୍ମଦ ସଲାମା ହଲେବୀ ମଧ୍ୟ ଏହି

*ଅବଶିଷ୍ଟାଂଶ ପୃଷ୍ଠା- ୫ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan